ବର୍ଷ-୨୬, ସଂଖ୍ୟା-୨୧୭
ଭୁବନେଶ୍ୱର
ଅଗଷ୍ଟ ୧୨, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 217
Bhubaneswar
August, 12 2026, Wednesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅର୍ଥ ବିଭାଗର ସମୀକ୍ଷା

ଭୁବନେଶ୍ୱର,,୧୧।୮(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରି ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ।

ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା । ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦%, କେନ୍ଦ୍ରୀୟ ଟିକସରେ ଅଂଶ ୩୧%, ନିଜସ୍ୱ ଟିକସ ରାଜସ୍ୱ ୩୧% ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮% ।



ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ହେଉଛି ୭.୩% ଅଧିକ । ସେହିପରି, ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯% ଅଧିକ ରହିଛି । ରାଜ୍ୟର ସମୁଦାୟ ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ଜୁଲାଇ ସୁଦ୍ଧା ପୂର୍ବ ବର୍ଷ ଅପେକ୍ଷା ୯.୩% ଅଧିକ ରହିଛି, ଏବଂ ଅଣଟିକସ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୪.୮% ଅଧିକ ରହିଛି ।

ରାଜସ୍ୱ ଆଦାୟରେ ଅଭିବୃଦ୍ଧି ହାର ଉତ୍ତମ ଥିବା ସହିତ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ଖର୍ଚ୍ଚ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷର ଏହି ସମୟ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ଠାରୁ ୧୯.୧% ଅଧିକ ରହିଛି । ସେହିପରି, କ୍ୟାପେକ୍ସ ବା ପୁଞ୍ଜିବ୍ୟୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା । ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨% ବୃଦ୍ଧି ପାଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି । ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଣୁ ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ କ୍ୟାପେକ୍ସ'ରେ ଯେପରି ଅଧିକ ବ୍ୟୟ ହେବ, ସେଥିପ୍ରତି ବିଭିନ୍ନ ବିଭାଗ ଆହୁରି ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅର୍ଥବିଭାଗ ପକ୍ଷରୁ ବିଭାଗୀୟ ପ୍ରମୁଖ ସଚିବ ଶ୍ରୀ ସଞ୍ଜୀବ ମିଶ୍ର ତଥ୍ୟ ଉପସ୍ଥାପନ କରିଥିଲେ ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଶ୍ରୀ ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ଯାମିନୀ ଷଡଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ଚୀନକୁ ଭାରତର ଜବାବ

ନୂଆଦିଲ୍ଲୀ,୧୧।୮(ମହାଭାରତ): ଭାରତ ପକ୍ଷରୁ ଅରୁଣାଚଳ ପ୍ରଦେଶର ୨୭ଟି ସ୍ଥାନର ନାମକୁ ମାନକ ଭାରତୀୟ ମାନଚିତ୍ରରେ ସାମିଲ କରାଯିବା ପରେ ବିଲିବିଲେଇ ହୋଇ ଉଠିଛି ଚୀନ୍ । ଭାରତର ଏହି ପଦକ୍ଷେପକୁ ଚୀନ୍ ବେଆଇନ ଏବଂ ଅଗ୍ରାହ୍ୟ ବୋଲି କହିବା ସହ ନିଜର ପ୍ରତିକ୍ରିୟା ରଖିଛି । ଅନ୍ୟପକ୍ଷରେ ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଚୀନ୍‌କୁ ଦୃଢ ଜବାବ ଦିଆଯାଇଛି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅରୁଣାଚଳ ପ୍ରଦେଶ ଭାରତର ଏକ ଅଭିନ୍ନ ଅଙ୍ଗ ଏବଂ କୌଣସି ପରିସ୍ଥିତିରେ ବି ଏହି ଅଟଳ ବାସ୍ତବତାକୁ କେହି ବଦଳାଇ ପାରିବେ ନାହିଁ ।

ଚୀନ୍ ଦ୍ୱାରା କ୍ରମାଗତ ଭାବେ ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନର ନାମ ନିଜ ମନମୁତାବକ ବଦଳାଯାଉଥିବା ପ୍ରତିବାଦରେ ଭାରତ ଗତ ସପ୍ତାହରେ ଏହାର କଡ଼ା ଜବାବ ଦେଇଛି । ଭାରତୀୟ ସରକାର ରାଜ୍ୟର ୨୭ଟି ପ୍ରମୁଖ ସ୍ଥାନ ଏବଂ ଭୌଗଳିକ ବିଶେଷତାଗୁଡ଼ିକୁ ସରକାରୀ ଭାରତୀୟ ମାନଚିତ୍ରରେ ସେମାନଙ୍କର ପ୍ରକୃତ ନାମ ସହ ସାମିଲ କରିଛନ୍ତି ।

୨୦୧୭ ମସିହାରୁ ଚୀନ୍ ସରକାରଙ୍କ ନାଗରିକ ବ୍ୟାପାର ମନ୍ତ୍ରାଳୟ ସେହି ଅଞ୍ଚଳରେ ନିଜର ମିଥ୍ୟା ଦାବି ଜାହିର୍ କରିବା ପାଇଁ ଅରୁଣାଚଳର ବିଭିନ୍ନ ସ୍ଥାନ ପାଇଁ ମନଗଢ଼ା ଚୀନୀ ନାମ ଜାଣିଶୁଣି ଜାରି କରିଆସୁଛି । ଏପରିକି ଗତ ଏପ୍ରିଲ ମାସରେ ମଧ୍ୟ ଏଭଳି ଏକ ତାଲିକା ପ୍ରକାଶ କରିଥିଲେ । କିନ୍ତୁ ଭାରତ ସର୍ବଦା ଚୀନ୍‌ର ଏଭଳି ଅମୂଳକ ଏବଂ ଅର୍ଥହୀନ ଦାବିକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଆସିଛି । ସୋମବାର ଚୀନ୍ ପକ୍ଷରୁ ଭାରତର ଏହି ପଦକ୍ଷେପକୁ ବେଆଇନ ବୋଲି ଅଭିହିତ କରାଯାଇଛି । ଚୀନ୍ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ଗୁଓ ଜିଆକୁନ୍ କହିଛନ୍ତି ଯେ, ଚୀନ୍ ଭାରତ ଦ୍ୱାରା ସ୍ଥାପିତ କଥିତ ଅରୁଣାଚଳ ପ୍ରଦେଶକୁ ସ୍ୱୀକାର କରେ ନାହିଁ ଏବଂ ଜାଙ୍ଗନାନ୍ ଅଞ୍ଚଳ ଚୀନ୍‌ର ଅଂଶ ବୋଲି ସେ ଦାବି ଦୋହରାଇଛନ୍ତି ।

# ଡିଜିପି ଚୟନ : ଆଜି ସୁପ୍ରିମକୋର୍ଟରେ ଶୁଣାଣି

ଭୁବନେଶ୍ୱର,୧୧।୮(ମହାଭାରତ): ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାକୁ ନେଇ ବିବାଦ ଆଜି ସୁପ୍ରିମକୋର୍ଟ ପହଂଚିଛି । ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅଣଦେଖା କରି ଓଡିଶା ସରକାର ଅଯୋଗ୍ୟ ଅଫିସରଙ୍କୁ ସୁପାରିଶ ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଦାଖଲ ହୋଇଥିବା ରିଟ୍ ପିଟିସନ୍‌କୁ ଆଜି ଗ୍ରହଣ କରି ଆସନ୍ତାକାଲି (ବୁଧବାର) ଜରୁରୀ ଶୁଣାଣି କରିବା ପାଇଁ ସମ୍ମତି ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ୟୁପିଏସସି ଓ ଓଡିଶା ସରକାରଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡିଛି । ଏପଟେ ରାଜ୍ୟ ସରକାର ପୁଲିସ ଡିଜି ଚୟନ ନିମନ୍ତେ ମେ' ୧୪ତାରିଖରେ ୟୁପିଏସସିଙ୍କୁ ଦେଇଥିବା ୧୧ଜଣିଆ ବରିଷ୍ଠ ଆଇପିଏସଙ୍କ ତାଲିକାରେ କାହିଁକି ଶେଷ ମୁହୂର୍ତ୍ତରେ(ଅଗଷ୍ଟ ୭ରେ ବୈଠକ ଦିନ) ପରିବର୍ତ୍ତନ କରିବାକୁ ଚାହିଁଲେ ଓ ଏଥିପାଇଁ ସରକାରଙ୍କୁ କିଏ ପରାମର୍ଶ ଦେଲା ତାହା ଏବେ ପାୱାର କରିଡରରେ ଚର୍ଚ୍ଚାର ବିଷୟ ପାଲଟିଛି । ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଜୟନ୍ତ ଦାସଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ଆଜି ସୁପ୍ରିମକୋର୍ଟରେ ପକ୍ଷ ରଖି ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାର ପୂର୍ବରୁ ୟୁପିଏସସି ନିକଟକୁ ପଠାଇଥିବା ଆଇପିଏସ୍ ଅଫିସରଙ୍କ ତାଲିକାକୁ ପ୍ରତ୍ୟାହାର କରିନେଇଛନ୍ତି । ଏବେ ଅତିରିକ୍ତ ଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି ପଦବୀକୁ ଆଣିବା ଓ ତାଙ୍କୁ ସୁପାରିସ ତାଲିକାରେ ପୂରାଇବା ପାଇଁ ବେଆଇନ ଉଦ୍ୟମ କରୁଛନ୍ତି । ଯାହାକି ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ନିର୍ଦ୍ଦେଶାବଳୀର ସ୍ପଷ୍ଟ ଉଲ୍ଲଂଘନ ବୋଲି ସେ ଯୁକ୍ତି ବାଢ଼ିଥିଲେ ।

# ବଜ୍ରାଘାତରେ ୪ ମୃତ, ୪ ଗୁରୁତର

ଭୁବନେଶ୍ୱର,୧୧।୮(ମହାଭାରତ.): ସୁନ୍ଦରଗଡ ଜିଲ୍ଲାର ଦୁଇଟି ପୃଥକ ପୃଥକ ଥାନାଞ୍ଚଳରେ ବଜ୍ରାଘାତରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଜିଲ୍ଲାର ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଚାନ୍ଦନୀମାଲରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି ।



ମୃତକ ଦ୍ୱୟ ହେଉଛନ୍ତି, ଚମ୍ପା ତିର୍କୀ (୭୦) ଓ ସୁଶୀଳା ତିର୍କୀ (୪୯) । ଗୁରୁତର ଆହତମାନେ ହେଉଛନ୍ତି, ସବା ତିର୍କୀ (୬୦), ଫୁଲକି ବାଡା ଓ ସରସ୍ୱତୀ ତିର୍କୀ । ମୃତାହତମାନେ ଛତିଶଗଡର ଯଶପୁର ଜିଲ୍ଲା ତୁମଲା ଥାନା ଅନ୍ତର୍ଗତ ବରଡିହି ଗ୍ରାମର । ସେମାନେ ଧାନ ରୋଇବା ପାଇଁ ବାଲିଶଙ୍କରା ଚାନ୍ଦନୀମାଲକୁ ଆସିଥିଲେ । ସେମାନେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା ।

ବଜ୍ରାଘାତରେ ଏହି ୫ ଜଣ ଗୁରୁତର ଆହତ ହୋଇ ଜମିରେ ପଡିଥିଲେ । ଖବର ପାଇ ବାଲିଶଙ୍କରା ଗ୍ରାମର ଜଗଦୀଶ ନାଏକ, ନବୀନ କୁଜୁର, ଶରତ ସାଏ, ବିନୋଦ ଛତ୍ରିଆ ଓ ଚିତ୍ତରଞ୍ଜନ ନାଗ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ ସମସ୍ତଙ୍କୁ ଉଦ୍ଧାର କରି ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଯାଞ୍ଚ କରିବା ପରେ ଚମ୍ପା ତିର୍କୀ ଓ ସୁଶୀଳା ତିର୍କୀଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଗୁରୁତର ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

ସେହିପରି ବଜ୍ରାଘାତରେ ଜିଲ୍ଲାର ବଣାଇ ଥାନା ଅନ୍ତର୍ଗତ ଇନ୍ଦ୍ରପୁର ଗାଁରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଝିର୍‌ଡାପାଲି ଗ୍ରାମରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତଙ୍କୁ ବଣାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତକ ଦ୍ୱୟ ହେଉଛନ୍ତି, ସୁନୀତା ଓରାମ (୩୫) ଓ ଦ୍‌ରୌପଦୀ କିଷାନ (୮୩) । ଏହି ଦୁଇ ଜଣଙ୍କ ସମେତ ଇନ୍ଦ୍ରପୁର ଗାଁର ଆଉ କିଛି ମହିଳା ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା । ସୁନୀତା ଓ ଦ୍‌ରୌପଦୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ବଜ୍ରାଘାତରେ ଗୁରୁତର ଆହତ ହୋଇଥିବା ଝିର୍‌ଡାପାଲି ଗ୍ରାମର ଉକ୍ତ ମହିଳାଙ୍କୁ ପ୍ରଥମେ ବଣାଇ ଡାକ୍ତରଖାନାକୁ ନିଆଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି ।

## ମହାପ୍ରଭୁଙ୍କ ଚିତାଲାଗି ନୀତିପାଇଁ ୫ ଘଣ୍ଟା ଦର୍ଶନ ବନ୍ଦ

ପୁରୀ ୧୧।୮(ମହାଭାରତ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚିତାଲାଗି ନୀତି । ଏଥିପାଇଁ ପାଞ୍ଚ ଘଣ୍ଟା ବନ୍ଦ ରହିବ ଭକ୍ତଙ୍କ ପାଇଁ ଦର୍ଶନ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥି । ଏହି ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ପାଞ୍ଚ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଅପରାହ୍ନ ୨ ଟାରୁ ସନ୍ଧ୍ୟା ୭ ଟା ଯାଏଁ ବନ୍ଦ ରହିବ ଦର୍ଶନ । ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ ରହିବ । ସନ୍ଧ୍ୟା ୭ଟା ପରେ ଭକ୍ତମାନେ ଶ୍ରୀ ଜୀଉଙ୍କ ଦର୍ଶନ କରିପାରିବେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଆସନ୍ତାକାଲି ସୂର୍ଯ୍ୟୋପରାଗ । ଚିତାଲାଗି ଅମାବାସ୍ୟା ଦିନ ପଡୁଛି ସୂର୍ଯ୍ୟୋପରାଗ । ଆକାଶରେ ଦୃଶ୍ୟମାନ ହେବ ମହାଜାଗତିକ ଦୃଶ୍ୟ । ଏହି ସମୟରେ କିଛି ଅଞ୍ଚଳରେ ଦିନବେଳେ ହିଁ ରାତି ଭଳି ଅନ୍ଧାର ହେଇଯିବ । ପୂର୍ଣ୍ଣ ସୂର୍ଯ୍ୟୋପରାଗ ସମୟରେ ପ୍ରାୟ ୨ ମିନିଟ୍ ୧୮ ସେକେଣ୍ଡ ରହିଛି । ବିଦେଶରେ କିଛି ସମୟ ପାଇଁ ଦିନ ରାତି ହୋଇଯିବ । ହେଲେ ଏହି ସୂର୍ଯ୍ୟୋପରାଗ ଭାରତ ବର୍ଷରେ ଅନୁଭୂତ ହେବ ନାହିଁ । ୟୁରୋପରୁ ଆମେରିକା ପର୍ଯ୍ୟନ୍ତ କୋଟି କୋଟି ଲୋକ ଏହି ଦୁର୍ଲଭ ଦୃଶ୍ୟ ଦେଖିପାରିବେ । ଓଡିଶାରେ ଏହା ଦୃଶ୍ୟମାନ ହେଉନଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିରେ କୌଣସି ପ୍ରଭାବ ନାହିଁ ।

# ଦୁଇବର୍ଷ ପରେ ଲୋକାୟୁକ୍ତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

## ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଲା ହାଇପାୱାର କମିଟି ବୈଠକ

ଭୁବନେଶ୍ୱର,୧୧।୮(ମହାଭାରତ): ରାଜ୍ୟରେ ଦୁର୍ନୀତି ବିରୋଧୀ ସର୍ବୋଚ୍ଚ ସାମ୍ବିଧାନିକ ସଂସ୍ଥା 'ଲୋକାୟୁକ୍ତ'କୁ କାର୍ଯ୍ୟକ୍ଷମ କରିବା ପାଇଁ ଶେଷରେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ହାଇକୋର୍ଟଙ୍କୁ ଦେଇଥିବା ଆଶ୍ୱାସନାକୁ ୭ମାସ ବିତିବା ଓ ଓଡିଶା ସୂଚନା ଅଧିକାର ଅଭିଯାନ(ଓସା) ଅଗଷ୍ଟ ୩୧ରୁ ଗଣବିକ୍ଷୋଭ ଡାକରା ଦେବାପରେ ରାଜ୍ୟ ସରକାରଙ୍କ ଚେତା ପଶିଛି ।

ସୋମବାର ବିଳମ୍ବିତ ସନ୍ଧ୍ୟାରେ ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକାୟୁକ୍ତ ଚୟନ କମିଟି(ହାଇପାୱାର ସିଲେକ୍ସନ କମିଟି)ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି ।




ସୂଚନା ଅନୁସାରେ, ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାୟୁକ୍ତ ଚୟନ କମିଟି ବୈଠକରେ ବାଚସ୍ପତି ସୁରମା ପାଢ଼ୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ଅନ୍ୟ ଜଣେ ବିଚାରପତି ସାମିଲ ହୋଇ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସହମତି ଦେଇଥିବା ଜଣାପଡିଛି । ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ଚୟନ ନିମନ୍ତେ 'ସର୍ଚ୍ଚ କମିଟି ଗଠନ' କରାଯିବା ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିବା ସୂଚନା ମିଳିଛି ।

ତେବେ ଓଡିଶା ଲୋକାୟୁକ୍ତ ଆଇନ- ୨୦୧୪ର କେତେକ ପ୍ରାବଧାନରେ ବିସଙ୍ଗତି ଥିବା ଓ ସେଥିରେ ସଂଶୋଧନ ପାଇଁ ସରକାର ନିଜର ଆଭିମୁଖ୍ୟକୁ ମଧ୍ୟ ବୈଠକରେ ଅବଗତ କରାଇଥିବା ଏବଂ ପୁଣିଥରେ ଖୁବଶୀଘ୍ର ଏହି ବୈଠକ ବସିବ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି । ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ଖାଲି ପଡିବା ସହ ୨୦୨୪ ଅଗଷ୍ଟ ୯ରୁ ଏହି ସଂସ୍ଥା ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇ ରହିଛି । ଲୋକାୟୁକ୍ତ କାର୍ଯ୍ୟକ୍ଷମ ନହେବା ପ୍ରତିବାଦରେ ଓଡିଶା ହାଇକୋର୍ଟରେ ସତୀଶ କୁମାର ବିଶ୍ୱାଳ ଓ ପ୍ରବୀର କୁମାର ଦାସଙ୍କ ଦ୍ୱାରା ହାଇକୋର୍ଟରେ ଦାଏର ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଥିବାବେଳେ ଓଡିଶା ସୂଚନା ଅଧିକାର ଅଭିଯାନ ଆସନ୍ତା ୩୧ ଅଗଷ୍ଟରୁ ରାଜଧାନୀରେ ବ୍ୟାପକ ଗଣବିକ୍ଷୋଭ କରିବ ବୋଲି ଘୋଷଣା ମଧ୍ୟ କରିଛି । ତେଣୁ ଏହି ବୈଠକକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ଉଲ୍ଲେଖଯୋଗ୍ୟ, ହାଇକୋର୍ଟରେ ଜାନୁୟାରୀ ୧୩ରେ ଶୁଣାଣିବେଳେ ରାଜ୍ୟ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସ୍ପଷ୍ଟ କରିଥିଲେ ଯେ, ଓଡିଶା ଲୋକାୟୁକ୍ତ ଆଇନ- ୨୦୧୪ର କେତେକ ପ୍ରାବଧାନରେ ବିସଙ୍ଗତି ରହିଛି । ଲୋକାୟୁକ୍ତ ଗଠନ ପାଇଁ ସରକାର ଉଦାସୀନ ନୁହଁନ୍ତି ବରଂ କେତେକ ବିଷମ ପରିସ୍ଥିତି ଯୋଗୁ ଏହି ପ୍ରକ୍ରିୟାରେ ବିଳମ୍ବ ହୋଇଛି । ଲୋକାୟୁକ୍ତ ଆଇନରେ ଥିବା ବିସଙ୍ଗତିକୁ ଦୂର ଓ ସିଲେକ୍ସନ କମିଟି ପୁର୍ନଗଠନ କରିବା ଦିଗରେ ସରକାର ଅତ୍ୟନ୍ତ ତତ୍ପରତା ଓ ତ୍ୱରିତ୍ ପଦକ୍ଷେପ ନେଉଛନ୍ତି ବୋଲି ଆଡଭୋକେଟ୍ ଜେନେରାଲ ଆଶ୍ୱସ୍ତ କରିଥିଲେ ।

ସୂଚନାଯୋଗ୍ୟ, ଲୋକାୟୁକ୍ତ ସଦସ୍ୟ ତଥା ଶେଷ କାମଚଳା ଅଧ୍ୟକ୍ଷ ଆରପି ଶର୍ମା ୨୦୨୪ ଅଗଷ୍ଟ ୭ତାରିଖରେ ଅବସର ନେବା ପରଠୁ ଏହି ସାମ୍ବାଧାନିକ ସଂସ୍ଥା ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇ ପଡିରହିଛି ।

# କଲମ୍ବିଆରେ ଶକ୍ତିଶାଳୀ ଭୂକମ୍ପ, ୨୦୦ ମୃତ

କଲମ୍ବିଆ,୧୧।୮(ମହାଭାରତ): ପଶ୍ଚିମ କୋଲମ୍ବିଆରେ ୭.୪ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି, ଯାହା ଫଳରେ ସମଗ୍ର ଦେଶ ଦୋହଲି ଯାଇଛି । ଏହି ଭୂକମ୍ପ ଯୋଗୁଁ କେତେକ ସହରରେ ଶହ ଶହ କୋଠା ଭୁଶୁଡ଼ି ପଡ଼ିଥିବା ବେଳେ ଧ୍ୱଂସାବଶେଷ ତଳେ ଚାପି ହୋଇରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଅଭିଯାନ ଜାରି ରହିଛି । ଏହି ଦକ୍ଷିଣ ଆମେରିକୀୟ ଦେଶରେ ଚଳିତ ଶତାବ୍ଦୀର ଏହା



ହେଉଛି ସବୁଠାରୁ ଶକ୍ତିଶାଳୀ ଭୂକମ୍ପ । ଏଥିଯୋଗୁ ୧୩୨ ଜଣ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ପ୍ରାୟ ୫୭୦ ଜଣ ଆହତ ହୋଇଛନ୍ତି । ଉଦ୍ଧାରକାରୀ ଦଳ ଏବଂ ସ୍ଥାନୀୟ ଲୋକେ ମାଟିରେ ମିଶିଯାଇଥିବା କୋଠାଗୁଡ଼ିକର ଧ୍ୱଂସାବଶେଷ ଖୋଳିବା ଜାରି ରଖିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି । ଅନ୍ୟପଟେ କୋଲମ୍ବିଆ ଜିଓଲୋଜିକାଲ୍ ସର୍ଭିସ୍ ପକ୍ଷରୁ ଆହୁରି ପରବର୍ତ୍ତୀ ଭୂକମ୍ପ ଝଟକା (ଆଫ୍ଟରଶକ୍) ଆସିବା ନେଇ ସତର୍କ ସୂଚନା ଦିଆଯାଇଛି । ରାଷ୍ଟ୍ରପତି ଆବେଲାର୍ଡ ଡି ଲା ଏସପ୍ରିଏଲା ଦେଶର ସର୍ବୋଚ୍ଚ ପଦ ଗ୍ରହଣ କରିବାର ମାତ୍ର କିଛି ଦିନ ପରେ ଏହି ବିପତ୍ତି ଆସିପହଞ୍ଚିଛି, ଯାହା ନୂତନ ପ୍ରଶାସନକୁ ଏହାର ପ୍ରଥମ ବଡ଼ ସଙ୍କଟ ମଧ୍ୟକୁ ଠେଲି ଦେଇଛି । ସେହିପରି ଗତ ଜୁନ୍ ମାସରେ ପଡ଼ୋଶୀ ଭେନେଜୁଏଲାରେ ଆସିଥିବା ଦୁଇଟି ବିନାଶକାରୀ ଭୂକମ୍ପ ମନରୁ ନଲିଭୁଣୁ ଘଟିଛି ଏହି ଭୂକମ୍ପ । ରାଷ୍ଟ୍ରପତି ଆବେଲାର୍ଡ ଡି ଲା ଏସପ୍ରିଏଲାଙ୍କ ଅନୁଯାୟୀ, ଏହି ଶକ୍ତିଶାଳୀ ଭୂକମ୍ପ ଏବଂ ଏହା ପରେ ଆସିଥିବା ୨୧ଟି ଝଟକା (ଆଫ୍ଟରଶକ୍) ଯୋଗୁ ଅନ୍ତତଃ ୧,୫୭୫ଟି ଘର, ୧୮ଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୫୨ଟି ସ୍କୁଲ୍ କ୍ଷତିଗ୍ରସ୍ତ ହୋଇଛି ।

# ପାନ ମସଲା ବିକ୍ରି ପାଇଁ କାଗଜ, ଟିଣ କିମ୍ବା କାଚ ବ୍ୟବହାର ବାଧ୍ୟତାମୂଳକ

ନୂଆଦିଲ୍ଲୀ,୧୧।୮(ଏଜେନ୍ସି): ଦେଶରେ ବିକ୍ରି ହେଉଥିବା ପାନ ମସଲାର ପ୍ଲାଷ୍ଟିକ୍ ପ୍ୟାକେଜିଂ ବ୍ୟବହାରକୁ ନେଇ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଏକ କଡା ନିୟମାବଳୀ ଜାରି କରାଯାଇଛି । ଏଫ୍‌ଏସ୍‌ଏସ୍‌ଏଆଇ ପାନ ମସଲା ପ୍ୟାକେଜିଂରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ ସାମଗ୍ରୀକୁ ସଂପୂର୍ଣ୍ଣ ନିଷେଧ କରିବା ସହ ଏଥିପାଇଁ ନୂତନ ପ୍ୟାକେଜିଂ ଆବଶ୍ୟକତା ନିର୍ଦ୍ଧାରଣ କରିଛି ।

କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ଏହି ସର୍ବୋଚ୍ଚ ସଂସ୍ଥା ସ୍ପଷ୍ଟ କରିଛି ଯେ, ବର୍ତ୍ତମାନ ଠାରୁ ପାନ ମସଲା ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ପ୍ୟାକେଜିଂ ପାଇଁ ପ୍ଲାଷ୍ଟିକ, ଆଲୁମିନିୟମ ଫଏଲ୍ ଆଦି ବ୍ୟବହାର କରିପାରିବେ ନାହିଁ । ଏହି ନୂତନ ପରିବର୍ତ୍ତନକୁ ବିଧିବଦ୍ଧ ଭାବେ ସାରା ଦେଶରେ ଲାଗୁ କରାଯାଇଛି । ପାନ ମସନା ପ୍ୟାକେଜିଂ ପାଇଁ ବିକଳ୍ପ ଭାବେ କେବଳ ଟିଣ, କିମ୍ବା କାଚ କଣ୍ଟେନର ବ୍ୟବହାର କରିବାକୁ ଏଫ୍‌ଏସ୍‌ଏସ୍‌ଏଆଇ ଅନୁମତି ଦେଇଛି । ଏହି ନୂତନ ସଂଶୋଧନ ଅନୁଯାୟୀ, ପାନ ମସଲାକୁ 'ଖାଦ୍ୟ ସୁରକ୍ଷା ଏବଂ ମାନକ (ପ୍ୟାକେଜିଂ) ନିୟମାବଳୀ, ୨୦୧୮' ର ସୂଚୀ ୪ ଅଧୀନରେ ଏକ ନୂତନ ବିଷୟ ଭାବେ ସାମିଲ କରାଯାଇଛି । ଏଫ୍‌ଏସ୍‌ଏସ୍‌ଏଆଇର ନୂଆ ନିୟମ ଅନୁଯାୟୀ, ପାନ ମସଲା ପ୍ୟାକେଜିଂ ପାଇଁ କେବଳ ଟିଣ ଓ କାଚ ସ କାଗଜ , ପେପରବୋର୍ଡ କିମ୍ବା ଅନ୍ୟାନ୍ୟ ପ୍ରାକୃତିକ ପଦାର୍ଥରୁ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର କରାଯାଇପାରିବ । ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ-ମୁକ୍ତ ହେବା ବାଧ୍ୟତାମୂଳକ । ସରକାରୀ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ପାନ ମସଲା ପ୍ୟାକେଜିଂରେ ପଲିଥିନ୍ , ପଲିପ୍ରୋପିଲିନ୍, ପଲିଷ୍ଟର, ପଲିଭିନିଲ୍ କ୍ଲୋରାଇଡ୍ (ପିଭିସି), କିମ୍ବା କୌଣସି ବି ପ୍ରକାରର ସିନ୍‌ଥେଟିକ୍ ପଲିମର କିମ୍ବା ଲାମିନେଟ୍ ବ୍ୟବହାର କରାଯାଇପାରିବ ନାହିଁ । ଏହା ସହିତ ପରିବେଶ ସୁରକ୍ଷା ଅଧିନିୟମ, ୧୯୮୬ ଅଧୀନରେ ପ୍ରଣିତ 'ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬'ର କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟ ପାନ ମସଲା ପ୍ୟାକେଜିଂ ଉପରେ ସମାନ ଭାବେ ଲାଗୁ ହେବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି ।

# ରାଜ୍ୟରେ ବିନା ବୀମାରେ ଚାଲୁଛି ୬୫ ଲକ୍ଷରୁ ଅଧିକ ଗାଡି

ଭୁବନେଶ୍ୱର,୧୧।୮(ମହାଭରତ): ରାଜ୍ୟରେ ବିନା ବୀମାରେ ରାସ୍ତାରେ ଗଡୁଛି ୬୫ଲକ୍ଷରୁ ଅଧିକ ଗାଡି । ବୀମା ନଥିବା ଗାଡିର ମାଲିକମାନଙ୍କ ଉପରେ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ପରିବହନ ବିଭାଗ । ବୈଧ ବୀମା ନଥାଇ ଗାଡି ଚଳାଉଥିଲେ ଏଣିକି ସ୍ୱୟଂକ୍ରିୟ ଭାବେ ଇ-ଚାଲାଣ କଟିବ । ଆଉ ଅଭ୍ୟାସଗତ ଅମାନିଆଙ୍କ ଗାଡି ପଞ୍ଜୀକରଣ ପ୍ରମାଣପତ୍ର(ଆରସି)କୁ ମଧ୍ୟ ସରକାର ବାଜ୍ୟାପ୍ତ କରିବେ । ରାଜ୍ୟରେ ଯାନବାହନ କାଗଜପତ୍ରର ଏଭଳି ସଙ୍ଗୀନ ସ୍ଥିତିକୁ ନେଇ ଉଦବେଗ ବ୍ୟକ୍ତ କରିବା ସହ ଉଲ୍ଲଙ୍ଘଂନକାରୀଙ୍କ ବିରୁଦ୍ଧରେ ଜିରୋ ଟଲେରାନ୍ସ ନୀତି ଆପଣାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ସରକାରୀ ତଥ୍ୟ ଅନୁସାରେ, ରାଜ୍ୟରେ ମୋଟ ୧,୦୧,୪୧,୯୫୧ଟି ପଞ୍ଜିକୃତ ଯାନବାହନ ମଧ୍ୟରୁ ମାତ୍ର ୩୫ଲକ୍ଷ ୬୮ହଜାର ୩୧୮ଟି ଗାଡିର ବୈଧ ବୀମା ରହିଛି । ଏବେ ୬୫.୭୩ଲକ୍ଷ ଗାଡି ବିନା ବୈଧ ବୀମାରେ ଯାତାୟତ କରୁଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ମୋଟର ଯାନ ନିୟମାବଳୀର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ପରିବହନ ବିଭାଗ ଏବେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସହାୟତା ନେଇଛି ।

# ଦେଶରେ ବଢୁଛି ମଧୁମେହ, ମୋଟାପଣ

ନୂଆଦିଲ୍ଲୀ,୧୧।୮(ମହାଭାରତ):ଭାରତରେ ମଧୁମେହ, ମୋଟାପଣ ଓ ଅତ୍ୟାଧିକ ମାନସିକ ଚାପ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଏହି ସମସ୍ୟା ଅଧିକ । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି ।

ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଏ ସଂକ୍ରାନ୍ତରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ପକ୍ଷରୁ ଲଗାତାର ଅଧ୍ୟୟନ କରାଯାଇ ନିକଟରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି । ଦେଶର ସହରାଞ୍ଚଳର ଅନ୍ୟୁନ ୧୬.୪୦ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା କିନ୍ତୁ ୮.୯୦ ପ୍ରତିଶତ ରହିଛି । ସେହିପରି ମୋଟାପଣ କ୍ଷେତ୍ରରେ ସାଧାରଣ ବଡି ମାକ୍ସ ଇଣ୍ଡେକ୍ସ ସହରାଞ୍ଚଳରେ ୩୯.୬୦ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ୨୩.୧୦ ପ୍ରତିଶତ ରହିଛି । ଦେଶର ଗ୍ରାମାଞ୍ଚଳରେ ଅନ୍ୟୁନ ୩୩.୫୦ ପ୍ରତିଶତ ଲୋକଙ୍କ ପେଟ ଆବଶ୍ୟକତାଠାରୁ ଅଧିକ ବଡ଼ ଥିବାବେଳେ ସହରାଞ୍ଚଳରେ ୫୧.୬୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏହି ସମସ୍ୟା ଲାଗି ରହିଛି ।



ଅତ୍ୟଧିକ ମାନସିକ ଚାପ ବା ହାଇପର ଟେନ୍‌ସନ୍ ମଧ୍ୟ ଆମ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଦେଶର ସହରାଞ୍ଚଳରେ ୪୦.୭୦ ପ୍ରତିଶତ ଲୋକ ହାଇପର ଟେନ୍‌ସନ୍‌ରେ ଆକ୍ରାନ୍ତ ଥିବାବେଳେ ଗ୍ରାମାଞ୍ଚଳରେ ଏହି ପରିମାଣ ୩୩ ପ୍ରତିଶତରେ ସୀମିତ ରହିଛି । ଏହାଛଡ଼ା କୋଲଷ୍ଟ୍ରଲ୍ ସମସ୍ୟା ବି ଲାଗି ରହିଛି । ଏଚ୍‌ଡିଏଲ୍ କୋଲଷ୍ଟ୍ରଲ୍ କମ୍ ରହିବା କ୍ଷେତ୍ରରେ ସହରାଞ୍ଚଳରେ ୬୯.୩ ଓ ଗ୍ରାମାଞ୍ଚଳରେ ୬୫.୬ ପ୍ରତିଶତ ଲୋକ ଆକ୍ରାନ୍ତ ଅଛନ୍ତି । ଏଲ୍‌ଡିଆର୍ କୋଲଷ୍ଟ୍ରଲ୍ ଅଧିକ ରହିବା ଯୋଗୁ ବି ସମସ୍ୟା ଲାଗି ରହୁଛି । ଏହି ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାରମାନଙ୍କ ସହଯୋଗରେ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି ।

ଏ ସଂକ୍ରାନ୍ତରେ ସାଂସଦ ଶ୍ରୀ ରାୟ ଏକ ବିବୃତିରେ କହିଛନ୍ତି ଯେ ଲୋକଙ୍କ ଦୈନନ୍ଦିନ ଜୀବନ ଶୈଳୀ ଓ ଖାଦ୍ୟାଭ୍ୟାସରେ ନକରାତ୍ମକ ପରିବର୍ତ୍ତନ ଯୋଗୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି ଏବଂ ଏହାର ଚିକିତ୍ସା ଲାଗି ସରକାର ଓ ପରିବାର ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ଏ ସମସ୍ୟା ଓ ତା'ର ନିରାକରଣ ସଂକ୍ରାନ୍ତରେ ପାଠ୍ୟକ୍ରମରେ ବିଷୟବସ୍ତୁ ରଖାଯିବା ସହିତ ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି । ନିୟମିତ ବ୍ୟାୟାମ ଏବଂ ଯୋଗ-ପ୍ରାଣାୟାମ ଆଦି ସହିତ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ପରିବେଶ ମଣିଷ ଜୀବନକୁ ସୁଖମୟ କରିପାରିବ ଏବଂ ଏହା ରାଷ୍ଟ୍ର ପାଇଁ ବରଦାନ ହେବ ବୋଲି ସେ କହିଛନ୍ତି ।

## ବେବିକର୍ଣ୍ଣ ଚିଲି

**ବେବିକର୍ଣ୍ଣ :** ୨୦୦ଗ୍ରାମ, ମଇଦା: ୨୫ଗ୍ରାମ, ଆରାରୁଟ ପାଉଡ଼ର: ୨୫ଗ୍ରାମ, ତେଲ: ୫୦୦ ମିଲି, ଲଙ୍କା: ୨ଟି , ପିଆଜ: ୨ଟି , ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ, ସିମଲା ଲଙ୍କା: ୧୦୦ଗ୍ରାମ, ଚିଲି ସସ୍: ୩ ଛୋଟୋ ଚାମଚ, ଅଦାରସୁଣ ପେଷ୍ଟ: ୧ ଚାମଚ, ରାଶି: ଅଳ୍ପ

**ପ୍ରସ୍ତୁତ ପ୍ରଣାଳୀ:** ବେବିକର୍ଣ୍ଣକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ସେଥିରେ ମଇଦା ଓ ଲୁଣ ପକାଇ ଗୋଳାନ୍ତୁ । ଏହା ପରେ ପିଆଜ ଓ ସିମଲା ଲଙ୍କା, ଲଙ୍କା ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ । ଗ୍ୟାସ ଅନ୍ କରି ଏକ କଡେଇରେ ତେଲ ଗରମ କରି ସେଥିରେ ଗୋଳା ହୋଇଥିବା ବେବିକର୍ଣ୍ଣକୁ ଛାଣି ଦିଅନ୍ତୁ । ଗୋଲ୍ଡେନ ବ୍ରାଉନ ହେବା ଯାଏଁ ଛାଣନ୍ତୁ । ଏହାପରେ ପୁଣି କଡେଇ ବସାଇ ସେଥିରେ ଅଳ୍ପ ତେଲ ଗରମ କରନ୍ତୁ । ସେଥିରେ ଅଦାରସୁଣ ପେଷ୍ଟ ପକାଇ ଭାଜିବା ପରେ ପିଆଜ, ସିମଲା ଲଙ୍କା ଓ ଲଙ୍କାକୁ ପକାଇ ଅଳ୍ପ ଭାଜନ୍ତୁ । ଏହାପରେ ସେଥିରେ ଏକ କପ ପାଣି ପକାନ୍ତୁ । ସେଥିରେ ସବୁ ସସ ପକାଇ ଫୁଟିବା ପରେ ଲୁଣ ପକାନ୍ତୁ । ସେଥିରେ ବେବିକର୍ଣ୍ଣ ପକାନ୍ତୁ । ବେବିକର୍ଣ୍ଣରେ ସବୁ ସସ୍ ଲାଗିବା ପରେ ପାଣି ଶୁଖେଇ ଦିଅନ୍ତୁ । ସେଥିରେ ରାଶି ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରିନିଅନ୍ତୁ ଚଟପଟା ବେବିକର୍ଣ୍ଣ ଚିଲି ।



ଖବର

## ଦୀର୍ଘ ୨୪ବର୍ଷ ପରେ ଫେରୁଛନ୍ତି ଧକଧକ୍ ଗାର୍ଲ



ବଲିଉଡର ବିଗବି ଅମିତାଭ ବଚ୍ଚନ କେବଳ ବଡ଼ ପରଦାରେ ନୁହେଁ, ଟେଲିଭିଜନରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ଗତ ଅଢ଼େଇ ଦଶନ୍ଧି ଧରି, ସେ ତାଙ୍କର କୁଇଜ୍ ସୋ, 'କୌନ୍ ବନେଗା କରୋଡ଼ପତି' ସହିତ ଦର୍ଶକଙ୍କ ମନରୋଞ୍ଜନ କରି ଆସୁଛନ୍ତି । କେବିସିର ୧୮ତମ ସିଜିନ୍ ଆରମ୍ଭ ହୋଇଛି । ଏହି ସମୟରେ ସୁପରଷ୍ଟାର ମାଧୁରୀ ଦୀକ୍ଷିତ ଦୀର୍ଘ ୨୪ ବର୍ଷ ପରେ 'କୌନ୍ ବନେଗା କରୋଡ଼ପତି'ର ମରାଠୀ ସଂସ୍କରଣରେ ଉପସ୍ଥାପିକା ଭାବେ ଫେରୁଛନ୍ତି ।ଅମିତାଭ ବଚ୍ଚନ ଏହି ସୋ' ଜରିଆରେ ଦର୍ଶକଙ୍କ ଭିତରେ ଏକ ଗଭୀର ଛାପ ସୃଷ୍ଟି କରି ସାରିଛନ୍ତି । ଏହି କ୍ରମରେ ଦେଖିବାକୁ ଗଲେ ମାଧୁରୀ ଦୀକ୍ଷିତ 'କେଣ ହୋଣାର କରୋଡପତି' ର ଅଷ୍ଟମ ସିଜିନର ଦାୟିତ୍ୱ ନେଇଛନ୍ତି । ଏହି ଭୂମିକା ପାଇଁ ସେ କୋଟି କୋଟି ଟଙ୍କାର ପାରିଶ୍ରମିକ ନେବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି । ନୂତନ ସିଜିନର ପ୍ରୋମୋ ରିଲିଜ୍ ହୋଇଛି । ଯେଉଁଥିରେ ମାଧୁରୀ ଦୀକ୍ଷିତଙ୍କୁ ସବୁଜ ଶାଢ଼ିରେ ଦେଖିବାକୁ ମିଳୁଛି । ଏହି ସୋ' ସୋନି ଟିଭି ଏବଂ ସୋନିଲାଇଭରେ ପ୍ରସାରିତ ହେବ ।

## କେଶ ଝଡୁଥିଲେ ଆପଣାନ୍ତୁ ମେଥି



ଦିନକୁ ଦିନ ବଦଳୁଥିବା ଜୀବନଶୈଳୀ, ଖାଦ୍ୟ, ପ୍ରଦୂଷଣ, ଧୂଳି କେବଳ ସ୍ୱାସ୍ଥ୍ୟ ଏବଂ ଚର୍ମ ଉପରେ ପ୍ରଭାବ ପକାଇ ନଥାଏ, ବରଂ ଏଥିପାଇଁ କେଶ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି ଆଜିକାଲି କେଶ ଝଡ଼ିବା ହେଉ କି କେଶ ଧଳା ପଡିଯିବା ଭଳି ସମସ୍ୟା ଅନେକଙ୍କ ସହ ଘଟୁଛି ବିଶେଷ କରି ଖରାଦିନରେ ରୁପି ସମସ୍ୟା ମଧ୍ୟ ବଢ଼ିଯାଇଥାଏ । ଏହି କେଶ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକମାନେ ଅନେକ ପ୍ରକାରର ସାମ୍ପୁ ବ୍ୟବହାର କରନ୍ତି, କିନ୍ତୁ କେମିକାଲ ଯୋଗୁଁ ଏହା ଲାଭ ଦେବା ବଦଳରେ କେଶର କ୍ଷତି କରିଥାଏ ଯଦି ଆପଣ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି । ତେବେ ଆଜି ଆମେ ଆପଣଙ୍କୁ ଏକ ସ୍ୱତନ୍ତ୍ର ଘରୋଇ ଉପଚାର କହିବାକୁ ଯାଉଛୁ ଏଥିପାଇଁ ଆପଣଙ୍କୁ କେଶରେ ମେଥି ପାଣି ଲଗାଇବାକୁ ପଡିବ । ଏହାଦ୍ୱାରା ଆପଣଙ୍କ କେଶ ଝଡ଼ିବା କମିଯିବା ସହ ପତଳା କେଶ ମୋଟା ହୋଇଯାଇଥାଏ । କାରଣ ମେଥିରେ ଥିବା ଲୌହର ପରିମାଣ ରକ୍ତ ସଞ୍ଚାଳନକୁ ଠିକ କରିବା ସହ କେଶକୁ ମଜଭୁତ କରିବା ସହ ରୁପିକୁ ମଧ୍ୟ ଦୂରେଇଦେଇଥାଏ କିଭଳି ଓ କେମିତି ବ୍ୟବହାର କରିବେ ?ଏଥିପାଇଁ ସର୍ବପ୍ରଥମେ ଏକ ବଡ଼ ପାତ୍ରରେ ଏକ ଗ୍ଲାସ୍ ପାଣି ନିଅନ୍ତୁ ଏହି ପାଣିରେ ମେଥି ରଖନ୍ତୁ ଏବଂ ରାତିସାରା ଭିଜିବା ପାଇଁ ଛାଡିଦିଅନ୍ତୁ ସକାଳେ ମେଥିକୁ ଅଲଗା କରି ଏହି ପାଣିକୁ ଅଲଗା ପାତ୍ରରେ ରଖନ୍ତୁ । ବର୍ତ୍ତମାନ ଏହି ପାଣିରେ କିଛି ବୁନ୍ଦା କେଶ ତେଲ ମିଶାଇ ଏହି ଜଳକୁ ଏକ ସ୍ପ୍ରେ ବୋତଲରେ ରଖନ୍ତୁ ଆପଣଙ୍କ କେଶରେ ମେଥି ପାଣି ସିଞ୍ଚନ କରିବା ପୂର୍ବରୁ ସାମ୍ପୁ ଲଗାନ୍ତୁ । ସାମ୍ପୁ ଲଗାଇବା ଦ୍ୱାରା କେଶ ମୂଳ ସଫା ହୋଇଯାଇଥାଏ । ଭଲ ଭାବରେ ମୁଣ୍ଡ ଧୋଇବା ପରେ ସେଥିରେ ମେଥି ମିଶା ପାଣି ସ୍ପ୍ରେ କରନ୍ତୁ । ଏହିପରି କେଶକୁ ଅତି କମରେ ୧ ଘଣ୍ଟା ଛାଡିଦିଅନ୍ତୁ । ଏହା ପରେ କେଶକୁ ପାଣିରେ ଧୋଇ ଦିଅନ୍ତୁ ।

## ଭଗବାନ ବିଷ୍ଣୁ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡ କରିଥିଲେ କାହିଁକି ?



ହିନ୍ଦୁ ଧର୍ମରେ ୫୧ଟି ଶକ୍ତିପୀଠକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏଥି ସହ ସେମାନଙ୍କର କାହାଣୀ ଭଗବାନ ଶିବ, ଭଗବାନ ବିଷ୍ଣୁ, ମାତା ସତୀ ଏବଂ ତାଙ୍କ ପିତା ଦକ୍ଷ ପ୍ରଜାପତିଙ୍କ ସହ ଜଡିତ । ଧାର୍ମିକ ବିଶ୍ୱାସ ଅନୁସାରେ, ଭଗବାନ ବିଷ୍ଣୁ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡ କରିଥିଲେ ।ପୌରାଣିକ କଥା ଅନୁସାରେ, ଭଗବାନ ଶିବଙ୍କ ପ୍ରଥମ ସ୍ତ୍ରୀ ମାତା ସତୀ ଥିଲେ, ଯିଏ ରାଜା ଦକ୍ଷ ପ୍ରଜାପତିଙ୍କ ଝିଅ ଥିଲେ । ମାତା ସତୀ ତାଙ୍କ ପିତାଙ୍କ ବିରୁଦ୍ଧରେ ଯାଇ ଭଗବାନ ଶିବଙ୍କୁ ବିବାହ କରିଥିଲେ, ଯାହା ହେତୁ ଦକ୍ଷ ପ୍ରଜାପତି ଖୁସି ନଥିଲେ ।ଥରେ ଦକ୍ଷ ପ୍ରଜାପତି ତାଙ୍କ ଘରେ ଏକ ଯଜ୍ଞର ଆୟୋଜନ କରିଥିଲେ ଏବଂ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ, କିନ୍ତୁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କରିନଥିଲେ । ମାତା ସତୀ ନିମନ୍ତ୍ରଣ ନ ପାଇ ଭଗବାନ ଶିବଙ୍କ ସହିତ ଯଜ୍ଞରେ ଯୋଗ ଦେବାକୁ ଯାଇଥିଲେ । ସେଠାରେ ପହଞ୍ଚିବା ପରେ, ଦକ୍ଷ ପ୍ରଜାପତି ଭଗବାନ ଶିବଙ୍କୁ ବହୁତ ଅପମାନ କରିଥିଲେ ।ଦକ୍ଷ ପ୍ରଜାପତି ଭଗବାନ ଶିବଙ୍କୁ ଅପମାନିତ କରିଥିଲେ ଏବଂ ଅପମାନଜନକ ଭାଷା ବ୍ୟବହାର କରିଥିଲେ । ମାତା ସତୀ ତାଙ୍କ ସ୍ୱାମୀଙ୍କ ଅପମାନ ସହ୍ୟ କରିପାରିଲେ ନାହିଁ ଏବଂ ସେ ସେହି ଯଜ୍ଞର ହବନ କୁଣ୍ଡରେ ଡେଇଁ ଆତ୍ମହତ୍ୟା କଲେ । ଯେତେବେଳେ ଭଗବାନ ଶିବ ଏହା ଜାଣିଲେ, ସେ ଅତ୍ୟନ୍ତ କ୍ରୋଧିତ ହେଲେ ।ଯେତେବେଳେ ମାତା ସତୀ ତାଙ୍କ ଜୀବନ ତ୍ୟାଗ କଲେ, ଭଗବାନ ଶିବ ଏହି ବିଚ୍ଛେଦକୁ ସହ୍ୟ କରିପାରିଲେ ନାହିଁ ଏବଂ ମାତା ସତୀଙ୍କ ମୃତ ଶରୀର ସହିତ ତାଣ୍ଡବ ନୃତ୍ୟ ପ୍ରଦର୍ଶନ କରିବାକୁ ଲାଗିଲେ । ଏହି କାରଣରୁ ସମଗ୍ର ବ୍ରହ୍ମାଣ୍ଡ ଧ୍ୱଂସ ପାଇବାକୁ ଲାଗିଲା । ଏହି ବିନାଶକୁ ବନ୍ଦ କରିବା ପାଇଁ, ଭଗବାନ ବିଷ୍ଣୁ ତାଙ୍କର ସୁଦର୍ଶନ ଚକ୍ର ସାହାଯ୍ୟରେ ମାତା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରିଦେଲେ ।ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଯୋଗୁଁ ମାତା ସତୀଙ୍କ ଶରୀରର ୫୧ ଖଣ୍ଡ ୫୧ଟି ସ୍ଥାନରେ ପଡ଼ିଥିଲା । ଏହି ୫୧ଟି ସ୍ଥାନକୁ ଶକ୍ତିପୀଠ କୁହାଯାଏ ଏବଂ ପ୍ରତ୍ୟେକ ସ୍ଥାନରେ ମାତା ସତୀଙ୍କୁ ଭିନ୍ନ ଭିନ୍ନ ନାମରେ ପୂଜା କରାଯାଏ ।

## ଅଙ୍ଗାରେଶ୍ୱର ମହାଦେବ ମନ୍ଦିର



ମଣିଷ ଜୀବନରେ ଅନେକ ସମସ୍ୟା ଲାଗି ରହିଥାଏ । ନିଜ ସମସ୍ୟା ଦୂର କରିବା ପାଇଁ ମଣିଷ ଭଗବାନଙ୍କ ଶରଣରେ ପଶିଥାଏ । ଲୋକମାନଙ୍କର ବିଭିନ୍ନ ସମସ୍ୟା ମଧ୍ୟରୁ ବିବାହ ଦୋଷ ବା ସମସ୍ୟା ଅନ୍ୟତମ । ଏହି ଦୋଷ ଲାଗିଲେ ସେ ପୁଅ ଅବା ଝିଅ ହେଉ ବିବାହରେ ବିଭିନ୍ନ ସମସ୍ୟା ଉପୁଜେ । ଏହି ଦୋଷ ଦୂର କରିବା ପାଇଁ ଲୋକମାନେ ଅନେକ ମନ୍ଦିରକୁ ଯାଆନ୍ତି । କିଛି ଲୋକଙ୍କ ସମସ୍ୟା ଦୂର ହୋଇଥାଏ ତ କିଛି ଲୋକଙ୍କ ସମସ୍ୟା ସମସ୍ୟାରେ ହିଁ ରହିଯାଏ । କାହାରି ଯଦି ଏପରି କିଛି ସମସ୍ୟା ରହିଛି ତେବେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଏ । ଏଥର ଜାଣିବା ଏହି ବିଶେଷ ମନ୍ଦିରରେ ରହିଛି କଣ ଅଲୌକିକତା । ଉଜ୍ଜୟିନୀ ସହର ଯେଉଁଠାରେ ମହାଦେବ ପ୍ରତ୍ୟେକ କୋଣରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି । ପ୍ରତିଦିନ ଏଠାରେ କିଛି ନା କିଛି ଚମତ୍କାର ଦେଖବାକୁ ମିଳେ । ଏହି ସହରରେ ଏକ ମନ୍ଦିର ଅଛି, ଯାହା ଅଙ୍ଗାରେଶ୍ୱର ମହାଦେବ ନାମରେ ପ୍ରସିଦ୍ଧ । ଏହି ମନ୍ଦିର ମଙ୍ଗଳନାଥ ମନ୍ଦିର ପଛରେ ଥିବା ଶିପ୍ରା କୂଳରେ ଅବସ୍ଥିତ । ଉଜ୍ଜୟିନୀ ନଗରୀରେ ୮୪ ମହାଦେବଙ୍କ ସମେତ ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ବିଷୟରେ ସ୍କନ୍ଦ ପୁରାଣର ଅବନ୍ତିକା ବିଭାଗରେ ଉଲ୍ଲେଖ କରାଯାଇଛି । ପଣ୍ଡିତ ଯତୀନ ଶର୍ମାଙ୍କ ଅନୁଯାୟୀ ଏହି ମନ୍ଦିରର ଧାର୍ମିକ ମହତ୍ତ୍ୱ ରହିଛି । ବିଶ୍ୱାସ କରାଯାଏ ଯେ କେବଳ ଦର୍ଶନ ମାତ୍ରକେ ମଙ୍ଗଳ ଦୋଷର ପ୍ରଭାବ ଦୂର ହୋଇଯାଏ । ଏହା ବ୍ୟତୀତ ମଙ୍ଗଳବାର ପୂଜା କରିବା ଦ୍ୱାରା କୌଣସି କାର୍ଯ୍ୟରେ ବାଧା ଉପୁଜି ନଥାଏ । ଅଙ୍ଗାରେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଦୀପାବଳି ପରେ ପଡୁଥିବା ମଙ୍ଗଳବାର ବିଶେଷ ଭାବେ ଅନ୍ନକୁଟ ଲଗାଯାଇଥାଏ । ତେଣୁ ଦୂର ଦୂରାନ୍ତରୁ ଭକ୍ତମାନେ ମଙ୍ଗଳବାର ଦର୍ଶନ କରିବାକୁ ଆସିଥାନ୍ତି ଏବଂ ମଙ୍ଗଳ ଗ୍ରହର କୁପ୍ରଭାବରୁ ମୁକ୍ତି ପାଇଥାନ୍ତି ।


**ବିବାହ ଦୋଷ ଦୂର ହୁଏ:**

ଭଗବାନ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତ ପୂଜାର ରହିଛି ବିଶେଷ ମହତ୍ତ୍ୱ । ଏଠାକାର ପଣ୍ଡିତଙ୍କ କହିବା ଅନୁସାରେ ଭାତ ପୂଜା କରିବା ଦ୍ୱାରା କଚେରି ସମସ୍ୟା ମଧ୍ୟ ସମାଧାନ ହୋଇଯାଏ । ଏହା ବ୍ୟତୀତ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟରେ ମଧ୍ୟ ସଫଳତା ମିଳିଥାଏ । ନେତାମାନେ ମଧ୍ୟ ନିୟମିତ ଭାବେ ଅଙ୍ଗାରେଶ୍ୱର ମନ୍ଦିରରେ ପୂଜା କରିବାକୁ ଆସନ୍ତି । ଶୁଭ କାର୍ଯ୍ୟକଳାପରେ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ଲୋକମାନେ ମଧ୍ୟ ପୂଜା କରିବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତପୂଜା କରିବା ଦ୍ୱାରା ବିବାହର ଦୋଷ ଦୂର ହୋଇଥାଏ ।

**ସିନ୍ଦୂରରେ ହୋଇଥାଏ ଶୃଙ୍ଗାର:**

ସିନ୍ଦୂର ଦ୍ୱାରା ଶୃଙ୍ଗାର କରାଯାଇଥିବା ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ଶିପ୍ରା ନଦୀ କୂଳରେ ଅବସ୍ଥିତ । ପୁରାଣ ମାନ୍ୟତା ଅନୁସାରେ ମଙ୍ଗଳ ଗ୍ରହର ଜନ୍ମସ୍ଥାନ ହେଉଛି ଉଜ୍ଜୟିନୀ । ଏବଂ ଅଙ୍ଗାରେଶ୍ୱର ମହାଦେବ ହିଁ ଭୂମିପୁତ୍ର ମଙ୍ଗଳ । ଏଣୁ ଅଙ୍ଗାରେଶ୍ୱର ମହାଦେବଙ୍କୁ ମଙ୍ଗଳ ଦେବ ମଧ୍ୟ କୁହାଯାଏ । ମଙ୍ଗଳ ଗ୍ରହର ଶାନ୍ତି ପାଇଁ ଅଙ୍ଗାରେଶ୍ୱର ମହାଦେବଙ୍କ ସ୍ୱତନ୍ତ୍ର ପୂଜା କରାଯାଏ ଏବଂ ଏହା ଲାଭଦାୟକ ମଧ୍ୟ ହୋଇଥାଏ ।

## ଓଁ ଧ୍ୱନିରେ ଲୁଚି ରହିଛି ବିଶ୍ୱ ବ୍ରହ୍ମାଣ୍ଡ



ଓଁ ଧ୍ୱନି ସାରା ବିଶ୍ୱରେ ଗୁଞ୍ଜରଣ ହୋଇଥାଏ । ସେଥିପାଇଁ ଓଁ ଉଚ୍ଚାରଣ ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଏହି ଧ୍ୱନି ମନୁଷ୍ୟର ଶ୍ରବଣ କ୍ଷମତାଠାରୁ ଊର୍ଦ୍ଧ୍ୱରେ । କିନ୍ତୁ ଯେଉଁମାନେ ସାଧନା କରିବାକୁ ଚାହିଁଥାନ୍ତି ସେମାନେ ଏହି ଚମତ୍କାରୀ ଧ୍ୱନିକୁ ଶୁଣି ପାରନ୍ତି । ତିନିଟି ଅକ୍ଷର ଅ, ଉ ଏବଂ ମ୍ କୁ ମିଶାଇ ହୋଇଛି ଓଁ । ଓଁ ଈଶ୍ୱରଙ୍କର ୩ଟି ସ୍ୱରୂପ ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କ ସଂଯୁକ୍ତ ରୂପ । ଓଁରେ ହିଁ ସୃଷ୍ଟି, ପାଳନ ଏବଂ ବିନାଶ । ଓଁ ମନ୍ତ୍ରର ସଠିକ ପ୍ରୟୋଗ ଦ୍ୱାରା ଜୀବନର ସବୁ ସମସ୍ୟା ଦୂର କରାଯାଇପାରେ । ଓଁର ସଠିକ ଉଚ୍ଚାରଣ ଦ୍ୱାରା ଈଶ୍ୱରଙ୍କ ନିକଟ ହୋଇପାରିବେ । ଓଁ ଧ୍ୱନି ଏତେ ପବିତ୍ର ଯେ ମୁନିଋଷି ପ୍ରତ୍ୟେକ ମନ୍ତ୍ର ପୂର୍ବରୁ ଓଁ ଯୋଡି ଦେଇଛନ୍ତି । ଓଁ ସହ ଜଡିତ ହେବାପରେ ମନ୍ତ୍ରର ଶକ୍ତି ଅନେକ ଗୁଣ ବୃଦ୍ଧି ପାଇଥାଏ ବୋଲି କୁହାଯାଏ । କିନ୍ତୁ ଓଁ ମନ୍ତ୍ର ଉଚ୍ଚାରଣର ମଧ୍ୟ କିଛି ନିୟମ ରହିଛି । ଉଚ୍ଚାରଣ ସମୟରେ ଏହି ନିୟମ ପାଳନ କରିବା ଉଚିତ । ଓଁ ଉଚ୍ଚାରଣ ବ୍ରହ୍ମ ମୁହୂର୍ତ୍ତରେ କିମ୍ବା ସଂଧ୍ୟା ସମୟରେ କରିବା ଉଚିତ । ମନ୍ତ୍ରର ସଠିକ ଲାଭ ପାଇବା ପାଇଁ ଏହାର ସଠିକ ଉଚ୍ଚାରଣ ପଦ୍ଧତି ଶିଖିବା ଆବଶ୍ୟକ । ଓଁ ଉଚ୍ଚାରଣ ସମୟରେ ମେରୁଦଣ୍ଡ ସିଧା ରହିବା ଉଚିତ । ଉଚ୍ଚାରଣ ପୂରା କରିବାର ୧୦ ମିନିଟ ଯାଏଁ ଜଳ ସ୍ପର୍ଶ କରିବା ଉଚିତ ନୁହେଁ । ଡାହାଣ ହାତରେ ତୁଳସୀ ପତ୍ର ନେଇ ୧୦୮ ଥର ଓଁ ଉଚ୍ଚାରଣ କରନ୍ତୁ । ଉଚ୍ଚାରଣ ପରେ ତୁଳସୀ ପତ୍ରକୁ ପିଇବା ପାଣିରେ ପକାଇ ଏହି ପାଣିକୁ ପିଅନ୍ତୁ । ଏହି ସମୟରେ ତାମସିକ ଆହାର ନ କରିବା ଉଚିତ । ଏହାଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟର ବରଦାନ ମିଳିଥାଏ । ଘରର ମୁଖ୍ୟଦ୍ୱାରର ଉଭୟ ପାର୍ଶ୍ୱରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ । ମୁଖ୍ୟ ଦ୍ୱାର ଉପରେ ଓଁ ଲେଖନ୍ତୁ । ଏହି ପ୍ରୟୋଗ ମଙ୍ଗଳବାର ଅପରାହ୍ନରେ କରିବା ଶୁଭ ହୋଇଥାଏ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ ।



# ନଗରନକ୍ସା

ମହାନଗରର ନିଜ ଭାଷା






## ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନରେ ୯୧ ପ୍ୟାକେଜ ସାମିଲ

ଭୁବନେଶ୍ୱର, ୧୦।୮ (ମହାଭାରତ): ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ, ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ଓଡ଼ିଶା ସରକାର ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଥିବା ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପି.ଏମ୍.ଜେ.ଏ.ୱାଇ.) ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ.)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରାଯାଇଛି । ଏହା ଫଳରେ ରାଜ୍ୟର କ୍ୟାନସର ରୋଗୀମାନେ ଅଧିକ ସଂଖ୍ୟକ ଜଟିଳ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ପାଇପାରିବେ ବୋଲି କହିଛନ୍ତି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକାଭିମୁଖୀ ସ୍ୱାସ୍ଥ୍ୟସେବା ପାଇଁ ପ୍ରତିବଦ୍ଧତା ନିମନ୍ତେ ଧନ୍ୟବାଦ ଜଣାଇ ମନ୍ତ୍ରୀ କହିଛନ୍ତି ଯେ ,” କ୍ୟାନସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବେ । ୨୦୨୬-୨୭ ବଜେଟରେ ଏଥି ନିମନ୍ତେ ୩୧୧ କୋଟି ପ୍ରବଧାନ କରାଯାଇଛି । ଗୋଷ୍ଠୀ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ-ହବ ଏବଂ ସ୍ପୋକ ମଡେଲ ଏବଂ ମାଗଣା ଯାତାୟତ ସୁବିଧା ନିମନ୍ତେ ଖର୍ଚ୍ଚ ହେବ। ଓଡ଼ିଶାରେ ଏ.ବି.ପି.ଏମ୍.ଜେ.ଏ.ୱାଇ. ଓ ଜି.ଜେ.ଏ.ୱାଇ.ର ସମନ୍ୱିତ କାର୍ଯ୍ୟକାରିତା ଆରମ୍ଭ ବେଳେ ଏହି ଯୋଜନାରେ ୨୧୬୩ଟି ଚିକିତ୍ସା ପ୍ୟାକେଜ ଉପଲବ୍ଧ ଥିଲା । ବର୍ତ୍ତମାନ ୯୧ଟି ନୂତନ ପ୍ୟାକେଜ ସାମିଲ ହେବା ପରେ ମୋଟ ଚିକିତ୍ସା ପ୍ୟାକେଜର ସଂଖ୍ୟା ୨୨୫୪ରେ ପହଂଚିଛି।

କ୍ୟାନସର ଭଳି ଜଟିଳ ଓ ପ୍ରାଣଘାତୀ ରୋଗରେ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଏବଂ ବୈଜ୍ଞାନିକ ଚିକିତ୍ସା ଅତ୍ୟନ୍ତ ଜରୁରୀ। ଏହି ରୋଗର ଚିକିତ୍ସା ସର୍ଜରୀ, କେମୋଥେରାପି, ରେଡିଏସନ, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ବହୁ ବିଭାଗର ସମନ୍ୱିତ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ । ସାଧାରଣ ଲୋକ ଏହି ରୋଗରେ ପୀଡ଼ିତ ହୋଇ ଖର୍ଚ୍ଚାନ୍ତ ହେଉଥିବାରୁ ଓଡ଼ିଶା ସରକାର ଏହାକୁ ଦୃଷ୍ଟିରେ ରଖି କ୍ୟାନସର ଚିକିତ୍ସା ପ୍ୟାକେଜକୁ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସାମିଲ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ପ୍ରୟାସ ଏବଂ ରାଜ୍ୟ ସରକାରଙ୍କ ସକ୍ରିୟ ପଦକ୍ଷେପ ଫଳରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏହି ୯୧ଟି ପ୍ୟାକେଜକୁ ଅନୁମୋଦନ କରି ଏ.ବି.ପି.ଏମ୍.ଜେ.ଏ.ୱାଇ.-ଜି.ଜେ.ଏ.ୱାଇ. ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରିଛନ୍ତି । ଏହି ସମସ୍ତ ପ୍ୟାକେଜ ଅନୁଯାୟୀ ଦେୟମୁକ୍ତ ଚିକିତ୍ସା ସେବା ପ୍ରଦାନ ପାଇଁ ରାଜ୍ୟର ସମସ୍ତ ତାଲିକାଭୁକ୍ତ ହସ୍ପିଟାଲକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ନୂତନ ବ୍ୟବସ୍ଥାର ସୁଫଳ ରାଜ୍ୟର ଅନେକ କ୍ୟାନସର ରୋଗୀ ଇତିମଧ୍ୟରେ ପାଇବା ଆରମ୍ଭ କରିଛନ୍ତି। ଯାଜପୁର ଜିଲ୍ଲାର କୁଆଖିଆ ଅଂଚଳର ୩୨ ବର୍ଷୀୟ ଆର୍ଯ୍ୟଭାନୁ ମହାନ୍ତି ମାରାତ୍ମକ ଅଣ୍ଡକୋଷ କ୍ୟାନସରରେ ପୀଡ଼ିତ ଥିଲେ। ନୂତନ ପ୍ୟାକେଜର ସୁବିଧା ଯୋଗୁଁ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ତାଙ୍କର ସଫଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି । ବର୍ତ୍ତମାନ ସେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ଏବଂ ସୁସ୍ଥ ଜୀବନକୁ ଫେରିବା ଦିଗରେ ଅଗ୍ରସର ହେଉଛନ୍ତି। ସେହିପରି ଭଦ୍ରକ ପୌରାଂଚଳର ଜଗନ୍ନାଥପୁର ନିବାସୀ ୬୨ ବର୍ଷୀୟା ଜ୍ୟୋସ୍ନାରାଣୀ ମହାନ୍ତିଙ୍କ ଗର୍ଭାଶୟ କର୍କଟ ରୋଗର ମଧ୍ୟ ସଫଳ ଅସ୍ତ୍ରୋପଚାର କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଉନ୍ନତି ହେଉଥିବାବେଳେ ସେ ଖୁବ୍ ଶୀଘ୍ର ହସ୍ପିଟାଲରୁ ଡିଶ୍ଚାର୍ଜ ହେବେ ବୋଲି ଚିକିତ୍ସକମାନେ କହିଛନ୍ତି । ସମୟୋପଯୋଗୀ ଚିକିତ୍ସା, ଆର୍ଥିକ ବୋଝରୁ ମୁକ୍ତି ଏବଂ ଉନ୍ନତମାନର ସୁପର ସ୍ପେସାଲିଟି ସେବା ମିଳିଥିବାରୁ ଆର୍ଯ୍ୟଭାନୁ ମହାନ୍ତି ଓ ଜ୍ୟୋସ୍ନାରାଣୀ ମହାନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିଛନ୍ତି । ସେମାନେ କହିଛନ୍ତି ଯେ, ଏହି ଯୋଜନା ନଥିଲେ ଏତେ ବ୍ୟୟବହୁଳ ଚିକିତ୍ସା କରାଇବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇନଥାନ୍ତା। ସରକାରଙ୍କ ଏହି ଜନହିତକର ପଦକ୍ଷେପ ସେମାନଙ୍କୁ ଏକ ନୂଆ ଜୀବନ ଦେଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ କେବଳ କ୍ୟାନସର ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବାରେ ସହାୟକ ହୋଇନାହିଁ, ବରଂ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ ଓ ଲୋକମୁଖୀ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୦।୮ (ମହାଭାରତ): ଚଳିତ ବର୍ଷ ୮୦ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବେ। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୬ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ଭାବାବେଗ ଏବଂ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ମହାତ୍ମା ଗାନ୍ଧୀ ମାର୍ଗଠାରେ ସକାଳ ୯ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ପତାକା ଉତୋଳନ କରିବେ। ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ୟାରେଡ୍ ଓ ପତାକା ଉତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ,



ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ବରପୁତ୍ରମାନଙ୍କ ଫଟୋଚିତ୍ର ପ୍ରଦର୍ଶନ, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ । ସାଧାରଣତନ୍ତ୍ର ଦିବସ-୨୦୨୬ରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ୟାରେଡ୍ ରେ ଶ୍ରେଷ୍ଠ ବିବେଚିତ ବିଭିନ୍ନ କଂଟିଜେଂଟ ଓ ପ୍ରଜ୍ଞାପନ ମେଢ଼କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିବେ । ଏଥି ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ। ଚଳିତ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ।

## ବିଏମ୍‌ସିର ୩୦ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୦।୮ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ରୁ ଅବସର ଗ୍ରହଣ କରିଥିବା ୩୦ ଜଣ



କର୍ମଚାରୀଙ୍କୁ ଦିଆଗଲା ଅବସରକାଳୀନ ସମ୍ବର୍ଦ୍ଧନା। ଏହି ଉପଲକ୍ଷେ ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ ।

ଗତ ତିନି ମାସ ମଧ୍ୟରେ ବିଏମ୍ ସିରୁ ସମୁଦାୟ ୩୦ ଜଣ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରେ ଏକ୍ସକ୍ୟୁଟିଭ୍ ଇଂଜିନିୟର, ସରୋଜ କୁମାର ମହାପାତ୍ର ଗତ ମାସରେ ଅବସର ଗ୍ରହଣ କରିଥିଲେ । ସେହିପରି ଟାକ୍ସ କଲେକ୍ଟର ଦେବିଦତ୍ତ ମହାନ୍ତି, ବିନୋଦ ମଲ୍ଲିକ, ଅରୁଣ କୁମାର ସାହୁ, ପ୍ରଶାନ୍ତ ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଦୀପକ କୁମାର ନାୟକ ଅବସର ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ହେଲେ କୃପାସିନ୍ଧୁ ଭୋଇ, ଭଗବାନ ବଳବନ୍ତରାୟ, ଅଜୟ କୁମାର ଦାସ, ପ୍ରଫୁଲ୍ଲ କୁମାର ନାଏକ, ଅଞ୍ଜୁଳା ମହାନ୍ତି, ଭବାନୀ ଶଙ୍କର ଶତପଥି, ଉପେନ୍ଦ୍ର କୁମାର ନାୟକ, ମୂରଲୀଧର ମହାନ୍ତି, ଖଗେଶ୍ୱର ମାହାର, କୈଳାସ ଗୋଛାୟତ, ବନମାଳୀ ନାଇକ, ଗୋବର୍ଦ୍ଧନ ନାଇକ, ଅଶୋକ ନାଇକ, କୁଞ୍ଜ ନାଇକ, ମଧୁସୂଦନ ନାଇକ, ଚନ୍ଦ୍ରମଣି ସାମନ୍ତରାୟ, ମଞ୍ଜୁବାଳା ନାଇକ, ଅଭି ନାଇକ, ଅମର କୁମାର ମହାରଣା, ଛବି ନାଇକ, ଲକ୍ଷ୍ମଣ ଜେନା ଓ ନଗେନ ବରାଳ ପ୍ରମୁଖ । ଅବସର ଗ୍ରହଣ କରିଥିବା ସମସ୍ତ କର୍ମଚାରୀଙ୍କୁ ଉପଢୌକନ, ଉପହାର, ବୃକ୍ଷଚାରା ଆଦି ପ୍ରଦାନ ସହ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ରୋଭିଜନାଲ ପେନସନ ମଧ୍ୟ ପ୍ରଦାନ କରାଯାଇଛି ।

## ସ୍ୱଚ୍ଛ ଶକ୍ତି ଓ ଶିଳ୍ପ ବିକାଶ ଆଡ଼କୁ ଦ୍ରୁତ ପଦକ୍ଷେପ

ଭୁବନେଶ୍ୱର, ୧୦।୮ (ମହାଭାରତ): ଦେଶର ‘ଶକ୍ତି ପ୍ରଗତିର ଇଞ୍ଜିନ୍’ ଭାବେ ଓଡ଼ିଶା ନିଜର ସ୍ୱଚ୍ଛ ଶକ୍ତି ଓ ଶିଳ୍ପ ବିକାଶକୁ ଦ୍ରୁତ ଗତିରେ ଆଗେଇ ନେଉଛି। ୨୦୩୦ ସୁଦ୍ଧା ରାଜ୍ୟରେ ୧୧ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ଆଇଇଇଏମଏ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଓଡ଼ିଶା ଏକ ବିଦ୍ୟୁତ୍-ବଳକା ରାଜ୍ୟ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ରାଜ୍ୟର ଉନ୍ନତ ଭିତିଭୂମି ଓ ନିବେଶକ-ଅନୁକୂଳ ନୀତି ଯୋଗୁଁ ଓଡ଼ିଶା ଶିଳ୍ପ ଏବଂ ସବୁଜ ଶକ୍ତି ଉତ୍ପାଦନ ପାଇଁ ଶ୍ରେଷ୍ଠ ସ୍ଥାନ ପାଲଟିଛି। ପ୍ରଧାନମନ୍ତ୍ରୀଙ୍କ ‘ପୂର୍ବୋଦୟ’ ଯୋଜନା ଅନୁଯାୟୀ, ରାଜ୍ୟରେ ଆଧୁନିକ ସ୍ମାର୍ଟ ଗ୍ରିଡ୍, ଡିଜିଟାଲ୍




ସବଷ୍ଟେସନ୍ ଏବଂ ଏଆଇ-ସକ୍ଷମ ବ୍ୟବସ୍ଥା ମାଧ୍ୟମରେ ଶକ୍ତି କ୍ଷେତ୍ରକୁ ଆହୁରି ମଜବୁତ୍ କରିବାକୁ ନିଷ୍ପତି ନିଆଯାଇଛି। ଓଡ଼ିଶାରେ ୧୦ ଲକ୍ଷ କୋଟି ଟଙ୍କାର ବିଶାଳ ନିବେଶ ଯୋଜନା ଚାଲୁଥିବାରୁ, ଏଠାରେ ଉଚ୍ଚମାନର ଇଲେକ୍ଟ୍ରିକାଲ୍ ଉପକରଣ ଓ ଟ୍ରାନ୍ସଫର୍ମରର ବଡ଼ ଚାହିଦା ସୃଷ୍ଟି ହେଉଛି। ଉତମ ବନ୍ଦର ସଂଯୋଗୀକରଣ ଓ ଭୌଗୋଳିକ ସ୍ଥିତି ଯୋଗୁଁ, ଏଠାରେ ତିଆରି ହେଉଥିବା ଉପକରଣକୁ ପୂର୍ବ, ଉତର-ପୂର୍ବ ଭାରତ ସମେତ ବିଦେଶକୁ ମଧ୍ୟ ସହଜରେ ରପ୍ତାନି କରାଯାଇପାରିବ। ‘ଓଡ଼ିଶାରେ ଉତ୍ପାଦନ କରନ୍ତୁ, ନବୋନ୍ମେଷ କରନ୍ତୁ ଏବଂ ସମୃଦ୍ଧ ହୁଅନ୍ତୁ’ — ଏହି ନାରା ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଶ୍ୱର ଶିଳ୍ପପତି ଓ ନିବେଶକମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଆହ୍ୱାନ ଜଣାଇଛନ୍ତି। ସେ ସ୍ଥାୟୀ ନୀତି, ସ୍ୱଚ୍ଛ ଶାସନ ଓ ସରକାରୀ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବହେମନ୍ତ ଶର୍ମା, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣର ଅଧ୍ୟକ୍ଷ ଘନଶ୍ୟାମ ପ୍ରସାଦ,ଆଇଇଇଏମଏ ସଭାପତି ବିକ୍ରମ ଗାଣ୍ଡୋତ୍ରା, ମହାନିର୍ଦ୍ଦେଶକ ଶ୍ରୀମତୀ ଚାରୁ ମାଥୁର, ଆଇଇଇଏମଏ (ପୂର୍ବ) ଅଧ୍ୟକ୍ଷ ଉତ୍କର୍ଷ ବଂଶଲ ଓ ଉପ-ଅଧ୍ୟକ୍ଷ ପରାଗ ସରାଫଙ୍କ ସମେତ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରଭାତୀ ପରିଡାଙ୍କ ବନ୍ୟା କ୍ଷୟକ୍ଷତିର ସମୀକ୍ଷା

ଭୁବନେଶ୍ୱର,୧୦।୮ (ମହାଭାରତ): ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବନ୍ୟା ମୁକାବିଲା,



ପ୍ରଭାବିତ ଅଂଚଳର ତୁରନ୍ତ ସମାଧାନ ଏବଂ କ୍ଷୟକ୍ଷତିର ଆକଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈତରଣୀ, ସାଳନ୍ଦୀ ଓ ଆଖୁଆପଦା ନଦୀର ଜଳସ୍ତର ସ୍ଥିତି,ପ୍ରଭାବିତ ଗ୍ରାମ, ବନ୍ଧ ଭଙ୍ଗା ସ୍ଥାନ, କଲଭର୍ଟ ଓ ବ୍ରିଜର ସ୍ଥିତି,ଆଶ୍ରୟ ସ୍ଥଳୀ, ମାଗଣା ରୋଷେଇ, ଶୁଷ୍କ ଖାଦ୍ୟ ଓ ପାନୀୟ ଜଳ ବିତରଣ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ପଶୁ ଚିକିତ୍ସା, ମାଛ ଜାଆଁଳା ଓ ଗୋଖାଦ୍ୟ ଯୋଗାଣ,ଚାଷ ଜମିର କ୍ଷୟକ୍ଷତି, ରାସ୍ତା, ବିଦ୍ୟୁତ୍ ଯୋଗାଯୋଗ ପୁନଃସ୍ଥାପନ ଆଦି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାରେ ତୁରନ୍ତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା, ଗାଈଗୋରୁଙ୍କ ପାଇଁ ଗୋଖାଦ୍ୟର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା, ବିଚ୍ଛିନ୍ନ ଅଂଚଳରେ ଶୁଷ୍କ ଖାଦ୍ୟ ଓ ପାନୀୟ ଜଳର ଶତପ୍ରତିଶତ ବିତରଣ କରିବା ,ଅତିରିକ୍ତ ଡାକ୍ତରୀ ଟିମ୍ ମୁତୟନ କରି ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଜଳବାହିତ ରୋଗର ପ୍ରାଦୁର୍ଭାବକୁ ରୋକିବା, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୁର୍ବଳ ସ୍ଥାନଗୁଡିକ ଉପରେ ତୀକ୍ଷ୍ଣ ନଜର ରଖି ତୁରନ୍ତ ମରାମତି କରିବା, ସମସ୍ତ ବିଭାଗ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବନ୍ୟା ପରିସ୍ଥିତିର ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ,ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥାନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ପୋଲିସ ଅଧୀକ୍ଷକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ସମ୍ବିତ ପାତ୍ର

ଭୁବନେଶ୍ୱର, ୧୦।୮ (ମହାଭାରତ): ପୁରୀ ସାଂସଦ ସମ୍ବିତ ପାତ୍ର ବୁଧବାର ଦିନ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ପୁରୀ ଲୋକସଭା କ୍ଷେତ୍ରରେ ରେଳ ସେବାର ସମ୍ପ୍ରସାରଣ ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଅବସରରେ ବିଭିନ୍ନ ଟ୍ରେନର ରହଣି, ନୂତନ ପ୍ୟାସେଞ୍ଜର ହଲ୍ଟ ସ୍ଥାପନ, ରୋଡ୍ ଓଭର ବ୍ରିଜ୍ ଏବଂ ସ୍ଥାୟୀ ଅଣ୍ଡରପାସ ନିର୍ମାଣ ସମ୍ବନ୍ଧୀୟ ଦାବିପତ୍ର ତାଙ୍କୁ ପ୍ରଦାନ କରିଛନ୍ତି। ରେଳମନ୍ତ୍ରୀ ଦାବିପତ୍ରକୁ ସକାରାତ୍ମକ ଭାବେ ବିଚାର କରି ଆବଶ୍ୟକ ପରବର୍ତୀ ପଦକ୍ଷେପ ନେବା ପାଇଁ ଆଶ୍ୱାସନ ପ୍ରଦାନ କରିଛନ୍ତି ।

ସାଂସଦ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଟ୍ରେନ ସଂଖ୍ୟା ୧୮୪୧୩ ପୁରୀ-ପାରାଦୀପ ଇଂଟରସିଟି ଏକ୍ସପ୍ରେସର କଣାସ ରୋଡ୍ ପ୍ୟାସେଞ୍ଜର ହଲ୍ଟ ଠାରେ ନିୟମିତ ରହଣି



ସୁନିଶ୍ଚିତ କରାଯାଉ। ନୟାଗଡ଼ ଏବଂ ମାଣିକାଇଗୋଡ଼ା (ଇଟାମାଟି-ଚମ୍ପାତୀପୁର ଅଂଚଳ) ମଧ୍ୟରେ ଏକ ନୂତନ ପ୍ୟାସେଞ୍ଜର ହଲ୍ଟ ସ୍ଥାପନ କରାଯାଉ। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ନିରାକାରପୁରସ୍ଥିତ ଲେଭେଲ୍ କ୍ରସିଂ ନଂ-୨୧୯ ଠାରେ ଏକ ରୋଡ୍ ଓଭର ବ୍ରିଜ୍ ନିର୍ମାଣ କରାଯାଉ। ପୁରୀ ରେଳ ଷ୍ଟେସନ ନିକଟସ୍ଥ ମାଳତୀପାଟପୁର ଲେଭେଲ୍ କ୍ରସିଂ ଠାରେ ଏକ ସ୍ଥାୟୀ ଅଣ୍ଡରପାସ ନିର୍ମାଣ କରାଯାଉ। ଟ୍ରେନ ସଂଖ୍ୟା ୧୮୪୧୩ ପୁରୀ-ପାରାଦୀପ ଇଂଟରସିଟି ଏକ୍ସପ୍ରେସର କଣାସ ରୋଡ୍ ପ୍ୟାସେଞ୍ଜର ହଲ୍ଟ ଠାରେ ରହଣି ଏବଂ ନୟାଗଡ଼ ଓ ମାଣିକାଇଗୋଡ଼ା (ଇଟାମାଟି-ଚମ୍ପାତୀପୁର ଅଂଚଳ) ମଧ୍ୟରେ ନୂତନ ପ୍ୟାସେଞ୍ଜର ହଲ୍ଟ ସ୍ଥାପନ ହେଲେ କଣାସ ବ୍ଲକ, ନୟାଗଡ଼ ଜିଲ୍ଲା ଏବଂ ଆଖପାଖ ଗ୍ରାମାଂଚଳର ହଜାର ହଜାର ଯାତ୍ରୀ ସିଧାସଳଖ ଉପକୃତ ହେବେ। ନିରାକାରପୁରସ୍ଥିତ ଲେଭେଲ୍ କ୍ରସିଂ ନଂ-୨୧୯ ଠାରେ ରୋଡ୍ ଓଭର ବ୍ରିଜ୍ ଏବଂ ପୁରୀ ରେଳ ଷ୍ଟେସନ ନିକଟସ୍ଥ ମାଳତୀପାଟପୁର ଲେଭେଲ୍ କ୍ରସିଂ ଠାରେ ସ୍ଥାୟୀ ଅଣ୍ଡରପାସ ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ପାଇଁ ସୁରକ୍ଷିତ, ନିରବିଚ୍ଛିନ୍ନ ଏବଂ ସୁବିଧାଜନକ ଯାତାୟାତ ସୁନିଶ୍ଚିତ ହେବ। ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ପରେ ରେଳ ଫାଟକ ବନ୍ଦ ରହିବା ଯୋଗୁଁ ହେଉଥିବା ଦୀର୍ଘ ସମୟର ଅପେକ୍ଷା, ଯାତାୟାତ ଜନିତ ସମସ୍ୟ ହେଉଛି।

## ଯୁବ କଂଗ୍ରେସ ପକ୍ଷରୁ ରିଲିଫ ବଣ୍ଟନ

ଭୁବନେଶ୍ୱର, ୧୦।୮ (ମହାଭାରତ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ବ୍ଲକର ଗରିପୁର, ଧାନଖଣିଆ, ନାଥପୁର ଓ ତିହିଡ଼ି ବ୍ଲକର ଗୋବିନ୍ଦପୁର, ଫଉଜୁଡ଼ି, ହଂସପାଟ, ସାହାପୁର ପ୍ରଭୃତି ବନ୍ୟାପ୍ଲାବିତ ଅଞ୍ଚଳ ବୁଲି ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ପରଦର୍ଶନ ପରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ପ୍ରଶାସନ ପକ୍ଷରୁ ବନ୍ୟାପ୍ଲାବିତ ମାନଙ୍କୁ କେଉଁ ସହଯୋଗ ଓ ସାହାଯ୍ୟ ଦିଆଯାଇଥିଲା ସେ ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟାପାଣିରେ ଯେଉଁମାନଙ୍କର ଘର ସଂପୂର୍ଣ୍ଣ ବୁଡ଼ିଯାଇଛି ସେମାନଙ୍କ ପାଖରେ ସରକାର ଏପର୍ଯ୍ୟନ୍ତ ପାଲ ଖଣ୍ଡିଏ ବି ପହଞ୍ଚାଇ ପାରିନାହାନ୍ତି। ଗୋଟିଏ ପରିବାରକୁ ପ୍ରଶାସନ ପକ୍ଷରୁ ମାତ୍ର ଏକକେଜି ଚୂଡ଼ା ଦିଆଯାଇଛି ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ। ସେହିଭଳି ସମସ୍ତ ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ ମଧ୍ୟ ଦିଆଯାଇ ନାହିଁ। ବିଶେଷକରି ନଳକୂପ ଗୁଡ଼ିକୁ ଡିସ ଇନଫେକସନ କରାଯାଇନାହିଁ ଏବଂ ଆବଶକୀୟ ଔଷଧ ମଧ୍ୟ ଯୋଗାଇ ଦିଆଯାଇ ନାହିଁ। ଏପର୍ଯ୍ୟନ୍ତ ପଶୁ ଖାଦ୍ୟ ମଧ୍ୟ ସମସ୍ତ ଅଞ୍ଚଳରେ ଦିଆଯାଇ ପାରିଲା ନାହିଁ। କେବଳ ନାମକୁ ମାତ୍ର କିଛି କିଛି ଯାଗାରେ ବଣ୍ଟା ଯାଇଛି। ସ୍ଥାନୀୟ ଡାକ୍ତରଖାନାରେ ସାପକାମୁଡ଼ା ଏବଂ ଡାଇରିଆ ରୋଗୀଙ୍କ ପାଇଁ ଆଗୁଆ ବ୍ୟବସ୍ଥା ରଖାଯାଇ ନାହିଁ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଚାନ୍ଦବାଲି ବିଡିଓ ଓ ତହସିଲାଦାରଙ୍କୁ ଭେଟି ବନ୍ୟା ପ୍ଲାବିତଙ୍କୁ ତୁରନ୍ତ ଆବଶ୍ୟକୀୟ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ସରକାରଙ୍କ ବନ୍ୟା ତତ୍ପରତା ନୈରାଶ୍ୟଜନକ ବୋଲି ସେ କହିଥିଲେ। ଦୁଇଟି ବ୍ଲକରେ ହଜାର ହଜାର ଏକର ଚାଷଜମିରେ ପାଣିମାଡ଼ିଯିବା ଫଳରେ ଚାଷ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି ଏବଂ ଚାଷୀ ଅମଳ କରିବାର ସମସ୍ତ ଆଶା ହରାଇଛି। ତେଣୁ ସରକାର ଚାଷୀଙ୍କ ଉପରୁ କୃଷିଋଣ ଛାଡ଼ କରିବା ସହ ଛାତ୍ରଛାତ୍ରୀଙ୍କର ସମସ୍ତ ପ୍ରକାର ଫିସ ଛାଡ଼ ପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ସ୍ୱାଗତ କର, ଆଲୋକ ଦାସ, ବଳରାମ ରାଉତ, ବଳରାମ ନନ୍ଦ ପ୍ରମୁଖ ଗସ୍ତ କରିଥିଲେ।

## ଓଡ଼ିଶାବାସୀଙ୍କ ଜୀବନ ସହ ଖେଳିବାକୁ ଚେଷ୍ଟା କରୁଛନ୍ତି ସରକାର

ଭୁବନେଶ୍ୱର, ୧୦।୮ (ମହାଭାରତ): ରାଜ୍ୟରେ ଏକ ଘରୋଇ କମ୍ପାନୀ ପକ୍ଷରୁ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ପ୍ରସ୍ତାବ ହୋଇଛି । କମ୍ପାନୀ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଆଲୋଚନା କରାଯାଇଛି । ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଯୋଜନା ଥିବାବେଳେ ନ୍ୟୁକ୍ଲିୟର ଏନର୍ଜିକୁ ଘରୋଇକରଣ କରିବାକୁ ବିଜେପି ସରକାର ଯୋଜନା କରିଛନ୍ତି । ଏହାକୁ ବିରୋଧ କରି ରାଜ୍ୟ ସରକାରଙ୍କୁ ଘେରିଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ, ଓଡ଼ିଶାରେ ନ୍ୟୁକ୍ଲିୟର ପ୍ଲାଣ୍ଟ ସ୍ଥାପନ ହେବା ଦ୍ୱାରା ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା କ୍ଷେତ୍ରରେ ବିପଦ ସୃଷ୍ଟି ହେବ । ଡବଲ ଇଞ୍ଜିନ ସରକାର ଘରୋଇ କମ୍ପାନୀ ମୋହରେ ପଡ଼ି ରାଜ୍ୟବାସୀଙ୍କ ସୁରକ୍ଷାକୁ ନେଇ ଆଖି ବୁଜିଦେଇଛନ୍ତି । ଉକ୍ତ ଘରୋଇ କମ୍ପାନୀ ଓଡ଼ିଶାରେ ପ୍ରାୟ ୩୦୦୦ ମେଗାୱାଟ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରସ୍ତାବ ରହିଛି । ନ୍ୟୁକ୍ଲିୟର କିମ୍ବା ଏଟୋମିକ୍ ଏନର୍ଜି କଥା ଉଠିଲେ ମନରେ ଭୟ ସୃଷ୍ଟି ହୁଏ । ୧୯୪୫ ମସିହାରେ ନ୍ୟୁକ୍ଲିୟର ବିସ୍ଫୋରଣ ଯୋଗୁଁ ଜାପାନର ହିରୋସୀମା ଓ ନାଗାସାକି ସହର ଧ୍ୱଂସ ସ୍ତୁପରେ ପରିଣତ ହୋଇଥିଲା । ୧୯୮୬ରେ ଚେର୍ନୋବିଲ ନ୍ୟୁକ୍ଲିର ପାୱାର ପ୍ଲାଣ୍ଟରେ ବିସ୍ଫୋରଣ ଘଟିଥିବା ବେଳେ ୨୦୧୧ରେ ଫୁକୁସୀମା ନ୍ୟୁକ୍ଲିର ପାୱାର ପ୍ଲାଣ୍ଟରେ ବିସ୍ଫୋରଣ



ଘଟିଥିଲା । ଏହି ନ୍ୟୁକ୍ଲିୟର ବିସ୍ଫୋରଣରେ ହୋଇଥିବା କ୍ଷୟକ୍ଷତିକୁ ସ୍ଥାନୀୟ ସରକାର ଆଜି ପର୍ଯ୍ୟନ୍ତ ଭରଣା କରିପାରି ନାହାନ୍ତି । ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ, ନ୍ୟୁକ୍ଲିୟର ଏନର୍ଜି ବିପଦପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଜୀବନ ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଅନ୍ୟ ଦେଶମାନଙ୍କରେ ନ୍ୟୁକ୍ଲିୟର ଏନର୍ଜିକୁ ସରକାର ନିଜ ମାଲିକାନାରେ ରଖିଥାନ୍ତି, କୌଣସି ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରନ୍ତି ନାହିଁ । କିନ୍ତୁ ବିଜେପି ସରକାରରେ ତାହାର ବିଚ୍ୟୁତି ଘଟି ନ୍ୟୁକ୍ଲିୟର ଏନର୍ଜିକୁ ଘରୋଇ କମ୍ପାନୀର ମାଲିକାନାକୁ ହସ୍ତାନ୍ତର କରାଯାଉଛି । ବିଜେପି ସରକାର ନିଜ ସ୍ୱାର୍ଥ ପାଇଁ ଓଡ଼ିଶାବାସୀଙ୍କ ଜୀବନ ପ୍ରତି ତିଳେ ମାତ୍ର ଭ୍ରୂକ୍ଷେପ କରୁନାହିଁ । ଚେନୋବିଲରେ ନ୍ୟୁକ୍ଲିୟର ଏନର୍ଜିର ରିଆକ୍ଟର ଅଘଟଣକୁ ୫୦ ବର୍ଷ ପୂରି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ତାହାର କ୍ଷୟକ୍ଷତିର ଭରଣା ହୋଇପାରି ନାହିଁ । ତେବେ ଓଡ଼ିଶାକୁ ବିପଦ ମୁହଁକୁ ଠେଲି ଦେବାକୁ ବିଜେପି ସରକାର କାହିଁକି ଯୋଜନା କରୁଛନ୍ତି ? ବିଜେପି ସରକାର ଘରୋଇ କମ୍ପାନୀ ମୋହରେ ପଡି ନ୍ୟୁକ୍ଲିୟର ଏନର୍ଜି ପ୍ଲାଣ୍ଟ ସ୍ଥାପନା ନେଇ ଥିବା ନିୟମକୁ ପରିବର୍ତ୍ତନ କରିଛନ୍ତି । ଗତ ଡିସେମ୍ବର ୨୦୨୫ରେ କେନ୍ଦ୍ର ସରକାର ନ୍ୟୁକ୍ଲିୟର ଏନର୍ଜିକୁ ଘରୋଇ କମ୍ପାନୀ ହାତକୁ ଟେକି ଦେବାକୁ ଯୋଜନା କରି ନୂତନ ନିୟମ ସଂସଦରେ ପାସ୍ କରିଥିଲେ, ଯାହାକୁ ନେଇ ଘରୋଇ କମ୍ପାନୀ ଗୁଡିକ ଓଡ଼ିଶା ମୁହାଁ ହେଉଛନ୍ତି । ଦେଶରେ ୮.୮ ଗିଗାୱାଟ୍ର ନ୍ୟୁକ୍ଲିୟର ଏନର୍ଜି ସରକାରଙ୍କ ମାଲିକାନାରେ ରହିଛି । ତାହାକୁ ୧୦୦ ଗିଗାୱାଟ୍ କରି ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରାଇବା ଅତ୍ୟନ୍ତ ବିପଦ ।

# ବିଜେପି ଗଡ଼ ଧରାଶାୟୀ

ଗୋଟିଏ ବିଧାନସଭା ଆସନରେ ଉପନିର୍ବାଚନରେ ଜନମତ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ନେଇ ହୋଇଥାଏ। କିନ୍ତୁ ସେହି ରାଜ୍ୟରେ ବିଧାନସଭା ନିର୍ବାଚନ ବେଳେ ଜନମତ ଭିନ୍ନ ହୋଇଥାଏ। ସେତେବେଳେ ଜନତା ଚିନ୍ତା କରନ୍ତି ରାଜ୍ୟରେ କିଏ ସରକାର ଗଢ଼ିବ, କିଏ ମୁଖ୍ୟମନ୍ତ୍ରୀ ବା ଦେଶର ପ୍ରଧାନମନ୍ତ୍ରୀ ହେବ। ତେଣୁ ଗୋଟିଏ ବାକ୍ୟରେ କହିଲେ ସାଧାରଣ ନିର୍ବାଚନ ଏବଂ ଉପନିର୍ବାଚନ ମଧ୍ୟରେ ଅନେକ ଫରକ ରହିଛି। ତଥାପି ଉପନିର୍ବାଚନରେ ଜନମତକୁ ରାଜନୈତିକ ଦୃଷ୍ଟିରୁ ଅଣଦେଖା କରାଯାଇପାରିବ ନାହିଁ। ନିକଟରେ ଦେଶର ୩ଟି ରାଜ୍ୟର ୩ଟି ଭିନ୍ନ ଭିନ୍ନ ଆସନ ଲାଗି ଅନୁଷ୍ଠିତ ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଏହାକୁ ରାଜନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଗୁଜରାଟ ଓ ମଧ୍ୟପ୍ରଦେଶରେ ଗୋଟିଏ ଲେଖାଏଁ ଆସନରେ ହୋଇଥିବା ଉପନିର୍ବାଚନରେ ସ୍ଥିତାବସ୍ଥା ବଜାୟ ରହିଛି। ଅର୍ଥାତ ପୂର୍ବରୁ ସେହି ଆସନରେ ଯିଏ ଜିତିଥିଲା, ଉପନିର୍ବାଚନରେ ସେହି ଦଳ ନିଜର ସ୍ଥିତି ବଜାୟ ରଖିଛି। ଗୁଜରାଟରେ ବିଜେପି ବିଜୟୀ ହୋଇଛି। ମଧ୍ୟପ୍ରଦେଶର ଗୋଟିଏ ବିଧାନସଭା ଆସନ ଲାଗି ଅନୁଷ୍ଠିତ ଉପନିର୍ବାଚନରେ କଂଗ୍ରେସ ଜିତିଛି। ଗତ ବିଧାନସଭା ନିର୍ବାଚନରେ ଏଠାରୁ କଂଗ୍ରେସ ହିଁ ଜିତିଥିଲା। ତେଣୁ ଉପନିର୍ବାଚନ ଫଳାଫଳରେ ବିସ୍ମିତ ହେବାର କିଛି ନାହିଁ ବା ଏହା ଏକ ଅସ୍ୱାଭାବିକ ଜନମତ ନୁହେଁ। ତେବେ ମଧ୍ୟପ୍ରଦେଶରେ ଯେହେତୁ ବିଜେପି କ୍ଷମତାରେ ଅଛି, ତେଣୁ ଆଶା କରାଯାଉଥିଲା ଯେ, ଉପନିର୍ବାଚନର ଫଳାଫଳ ଶାସକ ଦଳ ସପକ୍ଷରେ ଯିବ। କିନ୍ତୁ ତାହା ହେଲା ନାହିଁ। ଏହା ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ପାଇଁ ଏକ ଶକ୍ତ ଧକ୍କା। ଯଦି ଶିବରାଜ ସିଂହ ଚୌହାନ ମୁଖ୍ୟମନ୍ତ୍ରୀ ଥାଆନ୍ତେ ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ସେଥିପାଇଁ ମୁଖ୍ୟମନ୍ତ୍ରୀ ଚୟନ ବେଳେ ସତର୍କତା ଅବଲମ୍ବନ କରାଯିବା ଉଚିତ। ଏକ କେନ୍ଦ୍ରୀୟ ଦଳ ନିଜ ଇଚ୍ଛାମତେ ରାଜ୍ୟରେ ନେତୃତ୍ୱ ସ୍ଥିର କରିବା ଦଳ ପାଇଁ ମହଙ୍ଗା ପଡ଼ଥାଏ। ତେବେ ସେ ଯାହା ହେଉ ଗୁଜରାଟ ଏବଂ ମଧ୍ୟପ୍ରଦେଶ ଉପନିର୍ବାଚନ ବିଶେଷ ଚହଲ ପକାଇପାରିନାହିଁ। କିନ୍ତୁ ଚର୍ଚ୍ଚାର ବିଷୟ ହୋଇଛଇ ବିହାରର ବାଙ୍କିପୁରା ବିଧାନସଭା ଆସନ ଲାଗି ଅନୁଷ୍ଠିତ ଉପନିର୍ବାଚନ ଫଳାଫଳ। ବିଜେପିର ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଦଳର ରାଷ୍ଟ୍ରୀୟ ସଭାପତି ହେବା ପରେ ବିଧାନସଭାରୁ ଇସ୍ତଫା ଦେଇଥିଲେ। ତେଣୁ ଏଠାରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଲା। ଏହା ବିଜେପିର ମସ୍ତବଡ଼ ଭୁଲ। ନୀତିନ ନବୀନ ବିଜେପିର ରାଷ୍ଟ୍ରୀୟ ସଭାପତି ହେବାକୁ ଯୋଗ୍ୟ ନୁହଁନ୍ତି। ଯେଉଁ ଦଳର ସଭାପତି ଦିନେ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ଭଳି ନେତା ଥିଲେ, ସେହିଦଳର ସଭାପତି ପଦରେ ନୀତିନ ନବୀନଙ୍କ ଭଳି ଜଣେ ଅଜଣା ଅଣୁଣା ବ୍ୟକ୍ତିଙ୍କୁ ଚୟନ କରିବା ହାସ୍ୟାସ୍ପଦ। ବିହାରର ବାଙ୍କିପୁରା ଗତ ତିନି ଦଶନ୍ଧି ଧରି ବିଜେପିର ଗଡ଼ ଭାବେ ରହିଆସିଥିଲା। କିନ୍ତୁ ଦୀର୍ଘ ବର୍ଷ ପରେ ଏଠାରେ ଉପନିର୍ବାଚନରେ ବିଜେପି ପରାଜିତ ହୋଇଛି। ଜନସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ଏଠାରେ ୧୯ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହା ସହିତ ତାଙ୍କ ଦଳ ପ୍ରଥମ ଥର ପାଇଁ କୌଣସି ଏକ ନିର୍ବାଚନ ବା ଉପନିର୍ବାଚନରେ ବିଜୟୀ ହୋଇଛି। ଏହା ଶାସକ ବିଜେପି ପାଇଁ ଶକ୍ତ ଧକ୍କା କହିଲେ ଭୁଲ ହେବ ନାହିଁ। ବାଙ୍କିପୁରାରେ ବିଜେପିର ପରାଜୟ ଏବଂ ପ୍ରଶାନ୍ତ କିଶୋରଙ୍କ ବିଜୟ ଜାତୀୟ ରାଜନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହା ଏକ ସ୍ପଷ୍ଟ ସନ୍ଦେଶ ଦେଇଛି। ବିହାରରେ ନୀତିଶ କୁମାରଙ୍କ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଏବଂ ବିଜେପିର ସମ୍ରାଟ ଚୌଧୁରୀ ମୁଖ୍ୟମନ୍ତ୍ରୀ ହେବା ଏକ ଭୁଲ ନିଷ୍ପତ୍ତି ଥିଲା। ଯାହାକୁ ମନ ତାକୁ ଦଳର ସଭାପତି କରିଦେବା, ଯାହାକୁ ଇଚ୍ଛା ତାକୁ ମୁଖ୍ୟମନ୍ତ୍ରୀ କରିଦେବା ଦଳ ପାଇଁ ମହଙ୍ଗା ପଡ଼ିଛି। ବିହାରରେ ନୀତିଶ କୁମାର ଏନଡିଏର ମୁହଁ ଥିଲେ। ସମ୍ରାଟ ଚୌଧୁରୀ ତାଙ୍କର ବିକଳ୍ପ ନୁହଁନ୍ତି। ତା ଅର୍ଥ ନୁହେଁ ଯେ, ନୀତିଶ କୁମାର ଚିରଦିନ ପାଇଁ ବିହାର ମୁଖ୍ୟମନ୍ତ୍ରୀ ପଦରେ ରହିବେ।

# ଦେଖିବାକୁ ସୁନାପରି

॥ ଅଜୟ କୁମାର ବେହେରା ॥

> ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି।

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଜରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୂ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆଖି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଲର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସତ୍‌ସଙ୍ଗର ଆହ୍ୱାନ : ସତ୍‌ସଙ୍ଗୀ ସାବଧାନ

॥ ଉମେଶ ଚନ୍ଦ୍ର ପାତ୍ର ॥

ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ - ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ। ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ - ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ - ସେ ଚାହେଁ ପ୍ରତ୍ୟେକଟି ଲୋକ - ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ୱାନରେ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ମା'ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ! ମା'କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା'ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ। ଯେତେପାର ସେବା କର, କିନ୍ତୁ ସାବଧାନ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ - ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ। ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ। ବିଶ୍ୱାସ କର, ସାବଧାନ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ - ଯାହା ଚାହଁ ତାହା ହିଁ ହେବ। ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର। ସାବଧାନ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ। କ୍ଲୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ। ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ - ଅଥଚ ଖୁବ୍ ଭଲ ପାଏ - ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ ତାହା। ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ - ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜ୍ଜୁନଙ୍କୁ କହିଥିଲେ - ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଠିକ୍ ସେହିପରି କଳିଯୁଗରେ କଳ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।

ସହପ୍ରତିରଦ୍ଧିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଆମେ ଓ ଆମ ପରିବେଶର ପଶୁପକ୍ଷୀ

॥ ବିପିନ ବିହାରୀ ମହାନ୍ତି ॥

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ। ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ। କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା। ଏ ପରିବେଶ ଉଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା। ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି। ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ। ଏ ସବୁଥି ପାଇଁ ମଣିଷ ଦାୟୀ। ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ। ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ। ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି। ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି। ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ। ଏକଥା ସେ ବୁଝିବା ଉଚିତ୍। ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍। ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ। ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ। ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି। ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ। ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି। କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି। ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି।ଜୀବେ ଦୟା ଧର୍ମ। ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ। ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ। ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି। ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି। ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ। ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ। ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ। ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ। ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ। ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି। ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ। ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା। ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି। ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ। ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି। ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି। ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି। ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା।

ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ


# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




# ସାମ୍ବାଦିକଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଅପରିବର୍ତ୍ତିତ ରଖିବାକୁ ଓଡିଶା ସାମ୍ବାଦିକ ସଂଘର ଦାବୀ



ପାରାଦୀପ, (ମହାଭାରତ) : ରାଜ୍ୟର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା କୁ ଆୟୁସମାନ ଭାରତ ଯୋଜନାରେ ପରିବର୍ତ୍ତନ ନକରି ପୂର୍ବ ପରି ସ୍ୱତନ୍ତ୍ର ଭାବେ ଜାରି ରଖିବାକୁ ଓଡିଶା ସାମ୍ବାଦିକ ସଙ୍ଘ ଦାବୀ ରଖିଥିବା ବେଳେ ଓଜେୟୁ ପାରାଦୀପ ଶାଖା ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ଦାବୀ ଉପସ୍ଥାପନ କରିଛି। ଏନେଇ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ଉଦ୍ଦେଶ୍ୟ ରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ତେବେ କାର୍ଯ୍ୟାଳୟ ରେ ଆଜି ଦିନ ୧୧ ଟା ସମୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡଃ ନିରଞ୍ଜନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।ଦାବିପତ୍ର ରେ ଦର୍ଶାଯାଇଛି ଯେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା କୁ ଆୟୁସମାନ ଭାରତ ଯୋଜନା ରେ ପରିବର୍ତ୍ତନ କରାଯିବା ନେଇ ବିଭାଗୀୟ ପ୍ରକ୍ରିୟା ଚାଲିଥିବା ଜଣାପଡିଛି ।ଏହା ସାମ୍ବାଦିକ ଙ୍କ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି ।ସଙ୍ଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା କୁ ପୂର୍ବ ପରି ଅପରିବର୍ତ୍ତିତ ରଖିବା ସହ ସାମ୍ବାଦିକ ମାନଙ୍କ ପିତାମାତାଙ୍କୁ ମଧ୍ୟ ଏହି ବୀମା ଯୋଜନାରେ ସାମିଲ କରିବାକୁ ଦାବୀ କରାଯାଇଛି ।ସରକାର ଏହି ଯୋଜନା କୁ ଆୟୁସମାନ ଭାରତ ଯୋଜନାରେ ପରିବର୍ତ୍ତନ କରିବାର ପ୍ରୟାସ କୁ କାର୍ଯ୍ୟରତ ସାମ୍ବାଦିକ ମାନେ ନିନ୍ଦା କରିବା ସହିତ ଏଥିରୁ ଓହରି ତୁରନ୍ତ ପୂର୍ବ ପରି ସ୍ୱତନ୍ତ୍ର ଭାବେ ଯୋଜନା କୁ ଚାଲୁ ନରଖିଲେ ଓଡିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଓଜେୟୁ ପାରାଦୀପ ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି ।ତେବେ ଓଜେୟୁ ପାରାଦୀପ ଶାଖା ସଭାପତି କର୍ମେଶ୍ୱର ସ୍ୱାଇଁ ଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ବିଶ୍ୱାଳ, ଉପଦେଷ୍ଟା ଅଜିତ ଦାସ, ପାରାଦୀପ ଶାଖା ସମ୍ପାଦକ ସମୀର କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଆଲୋକ ମହାପାତ୍ର, ଉପସଭାପତି ପ୍ରଶାନ୍ତ ଦାସ, ବସନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ଜିତେନ୍ଦ୍ର ସାହୁ, ରାଜଦିପ ବିଶ୍ୱାସ, ପୁରୁଷୋତ୍ତମ ଶତପଥୀ, ବିରଜା ସେଠୀ, ନାରାୟଣ ବେହେରା, ବିରଜା ତ୍ରିପାଠୀ, ଲାଲା ବିନୟ କୁମାର ରାଏ, ପ୍ରଶାନ୍ତ ସ୍ୱାଇଁ, ଶୁଭ୍ରାଂଶୁ ଶେଖର ପୃଷ୍ଟି, ସଂଗ୍ରାମ ରାଉତ ଓ ହିମାଂଶୁ ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ହୋଇ ଅତିରିକ୍ତ ଜିଲ୍ଲାପାଳ ଡଃ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଗଜପତିରେ ବର୍ତ୍ତମାନ୍ ଖରିଫ ଋତୁ ଧାନ ରୁଆ ଆରମ୍ଭ




ଗଜପତି, (ମହାଭାରତ) : ଗଜପତି ଜିଲ୍ଲାରେ ବର୍ତ୍ତମାନ୍ ଖରିଫ ଋତୁ ସକାଶେ ଧାନ ଚାଷ ଆରମ୍ଭ ହୋଇଛି । ବର୍ତ୍ତମାନ୍ ମୌସୁମୀ ଆଗମନ ଓ ଧାରା ଶ୍ରାବଣ ଲାଗି ରହିଛି ଚାଷୀ ବର୍ତ୍ତମାନ୍ ବିଲ କାଦ କରି ଧାନ ରୁଆ ଆରମ୍ଭ କରିଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ଧାନ ରୁଆ ଚାଲିଛି । ଜିଲ୍ଲାର କାଶୀନଗର ଗୋଷାଣୀ,ଗୁମ୍ମାରେ ବହୁତ୍ ପରିମାଣ ରେ ଧାନ ଚାଷ ହୁଏ । ଖରିଫ ଋତୁରେ ଚାଷ ହୋଇ ଥିବା ଧାନ ସଂଗ୍ରହ ନିମନ୍ତେ ରାମ ଲିଙ୍ଗେଶ୍ୱର ସମବାୟ ସମିତି ପକ୍ଷରୁ ଚାଷୀ ପଞ୍ଜିକୃତ ଆରମ୍ଭ । ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ନୂଆ କେରାଣ୍ଡିରେ ଥିବା ରାମ ଲିଙ୍ଗେଶ୍ୱର ପ୍ରାଥମିକ ସମବାୟ ସମିତି ପକ୍ଷରୁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକୃତ ଆରମ୍ଭ ହୋଇ ଯାଇଛି ।ଏହି ଚାଷୀ ପଞ୍ଜିକୃତ ଅଗଷ୍ଟ ୬ରୁ ଆରମ୍ଭ ହୋଇ ୩୧ ଅଗଷ୍ଟ ମଧ୍ୟରେ ରାମ ଲିଙ୍ଗେଶ୍ୱର ପ୍ରାଥମିକ ସମବାୟ ସମିତିରେ ଆବେଦନ କରିପାରିବେ ।ଚାଷୀ ପଞ୍ଜିକରଣ ନିମନ୍ତେ ନିଜର ଆବଶ୍ୟକ କାଗଜପତ୍ର ଯଥା ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ ଆଧାର କାର୍ଡର ନକଲ,ଜମି ପଟ୍ଟା, ଜମିର ପ୍ରମାଣ ପତ୍ର ସହିତ ମୋବାଇଲ ନମ୍ବର ଆବଶ୍ୟକତା ରହିଛି ବୋଲି ରାମ ଲିଙ୍ଗେଶ୍ୱର ସମବାୟ ସମିତିର ସମ୍ପାଦକ ଇ ରାମ ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ବାଇକ ଦୁର୍ଘଟଣାରେ ଦୁଇ ଆହତ

କରଞ୍ଜିଆ, (ମହାଭାରତ): ମୟୂରଭଞ୍ଜ-କେନ୍ଦୁଝର ଜିଲ୍ଲା ସୀମାନ୍ତ ଗାୟାଳମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧବଣୀ ବାଙ୍କ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣା ଘଟି ଦୁଇଜଣ ଆହତ ହୋଇଛନ୍ତି । ଆହତ ଦୁଇଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜଣେ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅନ୍ତର୍ଗତ ପଣପୋଷୀ ଗ୍ରାମର ସୁଶୀଲ ହୋ (୨୫) ଓ ଗୋବର୍ଦ୍ଧନ ହୋ (୩୦) ଦୁଇ ସାଙ୍ଗ ଏକ ବାଇକ ଯୋଗେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳ ଗହଳମୁଣ୍ଡା ବାଉଁଶରାୟ ଠାରେ ଥିବା ମାମୁଁ ଘରକୁ ଯାଉଥିଲେ । ତେବେ ଧବଣୀ ବାଙ୍କ ନିକଟରେ ବାଇକଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା । ଦୁର୍ଘଟଣା ପରେ ରାସ୍ତାରେ ଯାଉଥିବା ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରିଥିଲେ । ପରେ ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରାଯାଇଥିଲା । ଦୁର୍ଘଟଣାରେ ଗୋବର୍ଦ୍ଧନ ହୋଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ସୁଶୀଲ ହୋଙ୍କ ପାଦ ଓ ମୁହଁରେ ଆଘାତ ଲାଗିଛି । ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରୀ ଚିକିତ୍ସା ଜାରି ରହିଥିଲା । ପରବର୍ତ୍ତୀ ସମୟରେ ସୁଶୀଲ ହୋଙ୍କୁ ଅଧିକ ଚିକିତ୍ସା ଓ ପରୀକ୍ଷା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି ।

# ପ୍ରାଣୀ ଚିକିତ୍ସାଳୟ ଅଧିକାରୀଙ୍କ ଅଭିନବ କାର୍ଯ୍ୟ,ବୁଲା ଗାଈ ଓ ଷଣ୍ଢଙ୍କ ବେକରେ ଲଗାଇଲେ ରେଡ଼ିୟମ ବେଲଟ



ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : ରାଜ୍ୟ ସରକାର ଦ୍ୱାରା ପୁରା ରାଜ୍ୟ ରେ ରାଜପଥ ସହିତ ସହର ଓ ଗ୍ରାମ ରେ ବୁଲା ଗାଈ ଓ ଷଣ୍ଢ ଙ୍କ ସୁରକ୍ଷା ସହିତ ଏହା ଦ୍ୱାରା ରାଜ ରାସ୍ତା ରେ ହେଉଥିବା ଦୁର୍ଘଟଣା କୁ ଏଡ଼ାଇବା ପାଇଁ ସବୁଜ ରଙ୍ଗ ର ରେଡିୟମ ଯୁକ୍ତ ବେଲ୍ଟ ବୁଲା ଗାଈ ଓ ଷଣ୍ଢ ମାନଙ୍କ ବେକ ରେ ଲଗାଇବା ଅଭିଯାନ ପ୍ରାରମ୍ଭ କରା ଯାଇଛି ରାଜଗାଙ୍ଗପୁର ଥାନା ଅଞ୍ଚଳ ୧୦ ନଂ ରାଜ୍ୟ ରାଜପଥ ଓ ସହର ର ରାଜ ରାସ୍ତା ସୁରକ୍ଷିତ ନୁହଁ ସଡ଼କ ଦୁର୍ଘଟଣା ନିତିଦିନ ଘଟୁଥିବା ଅନ୍ୟପଟେ ରାଜପଥରେ ର ବୁଲା ଗୋରୁ ଗାଈ ଷଣ୍ଢମାନଙ୍କ ଉତ୍ପାତ ବଢୁଛି ରାତିରେ କିଛି ଦିନ ହେବ ଗାଡ଼ି ଧକ୍କାରେ ଷଣ୍ଢ ଗୁଡ଼ିକର ମୃତ୍ୟୁ ହେଉଛି ସେହି ପରି ଷଣ୍ଡ ମାନଙ୍କ ପାଇଁ ବାଇକ ଦୁର୍ଘଟଣା ଘଟୁଛି ମଧ୍ୟ ଘଟୁଛି ଏହାକୁ ଏଡ଼ାଇବା ପାଇଁ ରାଜଗାଙ୍ଗପୁର ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁନୀଲ କୁମାର ଦୀକ୍ଷିତଙ୍କ ନେତୃତ୍ୱରେ ଏକ ଟିମ୍ ରାଜ୍ୟ ରାଜପଥରେ ବୁଲୁଥିବା ଷଣ୍ଡ ଗୋରୁମାନଙ୍କ ଜୀବନ ସୁରକ୍ଷା ପାଇଁ ବେକରେ ସବୁଜ ରଙ୍ଗର ରେଡିୟମ ବେଲ୍ଟ ବାନ୍ଧିବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ପ୍ରଥମ ଦିନରେ ପାଖାପାଖି ୭୦ ଟି ବୁଲା ଷଣ୍ଢ ଏବଂ ଗୋରୁଙ୍କ ବେକରେ ରେଡିୟମ ବେଲ୍ଡ ଲଗାଯାଇଛି ଭେ ଭେଟେନାରୀ ରାଜ୍ୟ ରାଜ ପଥ ୧୦ ରେ ଜାମ ପାଳି ବାଇପାସ ରାନିବନ୍ଧ ଲିପ୍ଲୋଇ ରାସ୍ତା ରେ ବୁଲି ବୁଲି ବୁଲା ଗାଈ ଷଣ୍ଢ ଗୁଡିକ ବେକରେ ଏହି ରେଡିୟମ ବେଲ୍ଡ ଲଗାଇବା ସହିତ କିଛି ଶୁଖୁଲା ଖାଦ୍ୟ ମଧ୍ୟ ବଣ୍ଟନ କରା ଯାଇଛି ଏହି କାର୍ଯ୍ୟ ରେ ରାଜଗାଙ୍ଗପୁର ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗ ର ଅନ୍ୟ କର୍ମୀ ଓ ସ୍ଥାନୀୟ ଗୌ ସେବକ ବନ୍ଧୁ ମଧ୍ୟ ସହଯୋଗ କରିଥିଲେ ।

# ସମୟ ପୂର୍ବରୁ ସ୍କୁଲରେ ତାଲା, ଉଠିଲା ପ୍ରଶ୍ନ




ଦଶମନ୍ତପୁର,(ମହାଭାରତ) : ସ୍କୁଲ ଛୁଟିର ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟରେ ତାଲା ପଡ଼ିଥିବା ନେଇ ଅଭିଯୋଗ ହୋଇଛି । କୋରାପୁଟ ଜିଲ୍ଲା ଦଶମନ୍ତପୁର ଜିପି/ବ୍ଲକ ଅନ୍ତର୍ଗତ ମୁଦାର ପ୍ରାଥମିକ ବିଦ୍ୟାଳୟକୁ ନେଇ ଏହି ଅଭିଯୋଗ ଉଠିଛି । ସୂଚନା ଅନୁଯାୟୀ, ନିର୍ଦ୍ଧାରିତ ସମୟ ଶେଷ ହେବା ପୂର୍ବରୁ ବିଦ୍ୟାଳୟ ଛୁଟି ହୋଇଥିବା ଅଭିଯୋଗ ରହିଛି । ଏପରିକି ଅପରାହ୍ନ ପ୍ରାୟ ୩ଟା ୧୫ ମିନିଟ୍ ସମୟରେ ବିଦ୍ୟାଳୟରେ ତାଲା ପଡ଼ିଥିବା ଦେଖି ଲୋକେ ପ୍ରଶ୍ନ ଉଠାଇଛନ୍ତି । ପିଲାମାନଙ୍କ ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ଓ ବ୍ୟବସ୍ଥା କରୁଥିବା ବେଳେ ବିଦ୍ୟାଳୟର ନିର୍ଦ୍ଧାରିତ ପାଠପଢ଼ା ସମୟକୁ ନେଇ ଏଭଳି ଅଭିଯୋଗ ଆସିବା ଚିନ୍ତାର ବିଷୟ ବୋଲି ଅଭିଭାବକମାନେ କହିଛନ୍ତି । ସମୟ ପୂର୍ବରୁ ବିଦ୍ୟାଳୟ ଛୁଟି ହେଲେ ଏହାର ପ୍ରଭାବ ପିଲାଙ୍କ ପାଠପଢ଼ା ଉପରେ ପଡ଼ିବାର ଆଶଙ୍କା ରହିଛି । ତେବେ ବିଦ୍ୟାଳୟ ସମୟ ପୂର୍ବରୁ ଛୁଟି ହୋଇଥିବାର କାରଣ କ'ଣ, ଏଥିପାଇଁ କାହାର ଅନୁମତି ଥିଲା ଏବଂ ଅଭିଯୋଗର ସତ୍ୟତା କେତେ-ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଘଟଣାର ତଦନ୍ତ କରି ଶିକ୍ଷା ବିଭାଗ କି ପଦକ୍ଷେପ ନେଉଛି, ତାହା ଉପରେ ଏବେ ନଜର ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତାରେ ବଡ଼ ଗାତ, ବିପଦରେ ରୋଗୀ ଓ ସାଧାରଣ ଲୋକ



ପାଟଣାଗଡ ,( ମହାଭାରତ) : ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଅନ୍ତର୍ଗତ ମଣ୍ଡଳ ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ମୁଖ୍ୟ ରାସ୍ତାରେ ପ୍ରାୟ ୬ ଫୁଟର ଏକ ବଡ଼ ଗାତ ସୃଷ୍ଟି ହୋଇଛି । ବର୍ଷା ଜଳର ପ୍ରଭାବରେ ରାସ୍ତା ଓ ଡ୍ରେନ ଭାଙ୍ଗି ଯାଇ ଥିବାରୁ ଯାତାୟାତରେ ଗୁରୁତର ସମସ୍ୟା ଦେଖା ଦେଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଅନେକ ରୋଗୀ, ଗର୍ଭବତୀ ମହିଳା ଓ ସାଧାରଣ ଲୋକ ଚିକିତ୍ସା ପାଇଁ ଆସୁଥିବା ବେଳେ ରାସ୍ତାରେ ଥିବା ଏହି ବଡ଼ ଗାତ ଦୁର୍ଘଟଣାର ଆଶଙ୍କା ବଢ଼ାଇ ଦେଇଛି । ବିଶେଷ କରି ରାତ୍ରି ସମୟରେ ଏହା ଅଧିକ ବିପଦ ଜନକ ହୋଇପଡ଼ିଛି । ସ୍ଥାନୀୟ ଲୋକମାନେ ତୁରନ୍ତ ରାସ୍ତା ମରାମତି ଓ ସୁରକ୍ଷା ବ୍ୟବସ୍ଥା କରିବାକୁ ପ୍ରଶାସନ ଓ ସମ୍ପୃକ୍ତ ବିଭାଗଙ୍କ ନିକଟରେ ଦାବି କରିଛନ୍ତି । ଅବହେଳା ଜାରି ରହିଲେ ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି ।

# ବକେୟା ଦରମା ଦାବିରେ ଛାମୁଣ୍ଡିଆରେ ଫରେଷ୍ଟ ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗଣିଆ, (ମହାଭାରତ): ବକେୟା ଦରମା ପ୍ରଦାନ ଦାବିରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଛାମୁଣ୍ଡିଆ ବନାଞ୍ଚଳର ଫରେଷ୍ଟ ଠିକା କର୍ମଚାରୀମାନେ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ନିର୍ଦ୍ଧାରିତ ସମୟସୀମା ଅଗଷ୍ଟ ୧୦ ତାରିଖ ସୁଦ୍ଧା ଗତ ୩ ମାସର ପ୍ରାପ୍ୟ ନମିଳିବାରୁ, ବାଧ୍ୟହୋଇ ସେମାନେ ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି । ସୂଚନାଯୋଗ୍ୟ, ଦୀର୍ଘ ୩ ମାସ ହେଲା ପାରିଶ୍ରମିକ ନପାଇବାରୁ କର୍ମଚାରୀମାନଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଛି । ପୂର୍ବରୁ ବନଖଣ୍ଡ ଅଧିକାରୀଙ୍କ ଉଦ୍ଦେଶ୍ୟରେ ରେଞ୍ଜରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ ୧୦ ତାରିଖ ସୁଦ୍ଧା ବକେୟା ପ୍ରଦାନ ଓ ନିୟମିତ ଦରମା ପାଇଁ ଦାବି କରାଯାଇଥିଲା । ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନଦେବାରୁ, ଆଜିଠାରୁ ସମସ୍ତ ବିଟ୍ ?ର ଠିକା କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଠିକା କର୍ମଚାରୀମାନେ କାର୍ଯ୍ୟବନ୍ଦ କରିବା ଫଳରେ ଜଙ୍ଗଲ ପାଟ୍ରୋଲିଂ ଓ ବନ୍ୟପ୍ରାଣୀ ସୁରକ୍ଷା କାର୍ଯ୍ୟ ବ୍ୟାହତ ହେବାର ଆଶଙ୍କା ଦେଖାଦେଇଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଠିକା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ।

# ହେଡମରା ବନ୍ଧର ପୁନରୁଦ୍ଧାରରେ ଦୁର୍ନିତୀ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋସାଣୀ ବ୍ଲକର କତଲ କଇଠା ଗ୍ରାମ ପଞ୍ଚାୟତର ଯାଜପୁର ଗ୍ରାମରେ ଥିବା ହେଡମରା ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ନେଇ ଉଠିଛି ପ୍ରଶ୍ନ । ଦୁଇଟି ସୂଚନା ଫଳକ ରହିଛି । କେତେ ଟଙ୍କା ପୂର୍ଣ୍ଣ ଉଦ୍ଧାର ସକାଶେ ଖର୍ଚ୍ଚ ହୋଇଛି । ସମସ୍ତଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି କରିଛି । ପୁନରୁଦ୍ଧାର ମାଟି ଗଲା କୁଆଡେ ? ମାଟି ବିକ୍ରି ହୋଇ ଥିବାର ଅଭିଯୋଗ ହୋଇଛି । ଏହାର ବିଧି ବଧ ଭାବେ ତଦନ୍ତ ଆବଶ୍ୟକତା ରହିଛି । ନ ହେଲେ ଦୁର୍ନୀତି ନିବାରଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ସତକଥା ପଦାକୁ ଆସିବା ବୋଲି ଚର୍ଚ୍ଚା ଜୋର ଧରିଛି ।

# ପାନୀୟ ଜଳ ସଙ୍କଟରେ ମହାନପଦା: ୨ ମାସ ହେଲା ଜଳକଷ୍ଟ ଭୋଗୁଛନ୍ତି ଗ୍ରାମବାସୀ

ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ପଞ୍ଚାୟତର ମହାନପଦା ଗ୍ରାମରେ ଦୀର୍ଘ ୨ ମାସ ହେବ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଗ୍ରାମରେ ଥିବା ନଳକୂପ ଗୁଡ଼ିକ ଅଚଳ ହୋଇପଡ଼ିଥିବା ବେଳେ ପାଇପ୍ ଯୋଗେ ଜଳ ଯୋଗାଣ ମଧ୍ୟ ବନ୍ଦ ରହିଛି । ଫଳରେ ଗ୍ରାମବାସୀମାନେ ପାନୀୟ ଜଳ ସହିତ ନିତ୍ୟବ୍ୟବହାର୍ଯ୍ୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୁଆ, ପୋଖରୀ ଓ ଦୂରବର୍ତ୍ତୀ ସ୍ଥାନରୁ ପାଣି ଆଣିବାକୁ ଗ୍ରାମର ମହିଳା ଓ ପରିବାର ଲୋକଙ୍କୁ ପ୍ରତିଦିନ ସଂଘର୍ଷ କରିବାକୁ ପଡୁଛି । ଦୂଷିତ ଜଳ ବ୍ୟବହାର କରିବା ଦ୍ୱାରା ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଛି । ଏ ସମ୍ପର୍କରେ ଗ୍ରାମବାସୀମାନେ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇପାରି ନାହିଁ । ତୁରନ୍ତ ଏହି ସମସ୍ୟାର ସମାଧାନ ନହେଲେ ଏବଂ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ନଦିଆଗଲେ, ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ନଳକୂପ ମରାମତି ସହ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହେଉଛି ।

# ବର୍ଷା ଚିନ୍ତାରେ ଆକାଶକୁ ଚାହିଁ ରହିଛି ରାଇଘର ଚାଷୀଙ୍କ ଆଖି



ରାଇଘର, (ମହାଭାରତ) : ରାଇଘର ଅଂଚଳରେ ଦେଖା ଦେଇଛି ଶ୍ରାବଣରେ ଶୁଖୁଛି ଚାଷଜମି ଧାରକରଜ କରି ଚାଷ କରିଥିବା ଚାଷୀ ଚିନ୍ତାରେ ଶ୍ରାବଣ ମାସରେ ଚାଷଜମିରେ ପାଣି ଲହଡ଼ି ଖେଳିବା କଥା । ସବୁଜ ଫସଲରେ ହସିବା କଥା ଚାଷୀଙ୍କ ମୁହଁ । କିନ୍ତୁ ଚଳିତ ବର୍ଷ ରାଇଘର ଅଞ୍ଚଳରେ ଚିତ୍ର ଓଲଟା । ଆକାଶରେ ମେଘ ଦେଖାଦେଉଛି ହେଲେ ଆବଶ୍ୟକ ପରିମାଣର ବର୍ଷା ହେଉନାହିଁ । ବର୍ଷା ଅଭାବରେ ଅନେକ ଚାଷଜମି ଶୁଖିବାକୁ ଲାଗିଥିବା ବେଳେ ଆକାଶକୁ ଚାହିଁ ଚାହିଁ ଚାଷୀଙ୍କ ଆଖିରେ ଏବେ ଚିନ୍ତାର ଛାୟା ଦେଖାଦେଇଛି ।ଚଳିତ ଖରିଫ ଋତୁରେ ଭଲ ଫସଲ ଅମଳ କରି ଋଣ ଶୁଝିବା ଆଶାରେ ଚାଷୀମାନେ ଧାରକରଜ କରି ବିହନ ସାର କୀଟନାଶକ ଓ ଅନ୍ୟାନ୍ୟ ଚାଷ ଖର୍ଚ୍ଚ ତୁଲାଇ ଜମିରେ ବିହନ ବୁଣିଛନ୍ତି । ତେବେ ଚାଷ ଆରମ୍ଭରୁ ସାର ଅଭାବ ଓ ଚଢ଼ା ଦରରେ ସାର ବିକ୍ରି ନେଇ ଅଭିଯୋଗ ଚାଷୀଙ୍କୁ ହଇରାଣ କରିଥିଲା । ସାର ପାଇଁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ ଅନେକ ସମସ୍ୟାର ସମ୍ମୁଖୀନ ହେବା ପରେ ମଧ୍ୟ ଚାଷୀ ଜମିରେ ବିହନ ବୁଣିଥିଲେ ।ଏବେ ଫସଲ ବଢ଼ିବାର ସମୟରେ ବର୍ଷା ଅଭାବ ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ଅନେକ ଚାଷଜମିରେ ମାଟି ଶୁଖିବାକୁ ଲାଗିଥିବା ବେଳେ ମାଟିର ଆର୍ଦ୍ରତା କମିବା ଯୋଗୁଁ ଫସଲର ବୃଦ୍ଧି ଓ ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି ।ଆକାଶରେ ମେଘ ଦେଖାଦେଲେ ବର୍ଷା ହେବ ବୋଲି ଚାଷୀ ଆଶା କରୁଛନ୍ତି । କିନ୍ତୁ ମେଘ ଆସୁଛି ପୁଣି ଚାଲିଯାଉଛି ବର୍ଷା ହେଉନାହିଁ । ଫଳରେ ଶୁଖିଲା ଜମିକୁ ଚାହିଁ ଚାଷୀଙ୍କ ଚିନ୍ତା ବଢ଼ି ଚାଲିଛି ।ଚାଷୀଙ୍କ ଚିନ୍ତା କେବଳ ଫସଲ ନଷ୍ଟ ହେବାରେ ସୀମିତ ନୁହେଁ । ଧାରକରଜ କରି ଚାଷ କରିଥିବା ଚାଷୀ ଯଦି ଠିକ୍ ? ଭାବେ ଫସଲ ଅମଳ କରିପାରିବେ ନାହିଁ ତେବେ ଋଣ ଶୁଝିବେ କିପରି ପରିବାର ଚଳାଇବେ କିପରି ପରବର୍ତ୍ତୀ ଚାଷ ପାଇଁ ଟଙ୍କା ଯୋଗାଡ଼ କରିବେ କିପରି ଏଭଳି ଅନେକ ପ୍ରଶ୍ନ ଏବେ ଚାଷୀଙ୍କୁ ଘାରିଛି ।ସାର ପରେ ବର୍ଷା ଚିନ୍ତା ଦୁଇ ପଟୁ ଚାପରେ ଚାଷୀଗୋଟିଏ ପଟେ ସାର ପାଇଁ ହଇରାଣ ଅନ୍ୟପଟେ ବର୍ଷା ଅଭାବ । ଦୁଇ ପଟୁ ଚାପରେ ରହିଛି ଚାଷୀ । ଏଭଳି ସ୍ଥିତିରେ ଚାଷଜମିର ପରିସ୍ଥିତି ଓ ବର୍ଷା ସ୍ଥିତି ଉପରେ ପ୍ରଶାସନ ତୁରନ୍ତ ନଜର ଦେବା ସହ ଆବଶ୍ୟକ ସ୍ଥାନରେ ଜଳସେଚନ ବ୍ୟବସ୍ଥା କରିବାକୁ ଚାଷୀ ମହଲରୁ ଦାବି ହେଉଛି ।ଏଥିସହ ବର୍ଷା ଅଭାବରେ ଫସଲ ପ୍ରଭାବିତ ହେଲେ ଚାଷୀଙ୍କୁ ଆବଶ୍ୟକ ସରକାରୀ ସହାୟତା ଓ କ୍ଷତିପୂରଣ ଯୋଗାଇଦେବାକୁ ମଧ୍ୟ ଦାବି ହୋଇଛି ।

## ବାଇକ୍ ଚୋରି ମାମଲା: ୫ଟି ଗାଡ଼ି ସହ ୨ ଗିରଫ

**ଦଶପଲ୍ଲା,(ମହାଭାରତ):**

ଦଶପଲ୍ଲା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ବାଇକ୍ ଚୋରି ଅଭିଯୋଗରେ ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ କବଜାରୁ ମୋଟ ୫ଟି ଚୋରା ଦୁଇଚକିଆ ଯାନ ଜବତ କରିଛି। ସୋମବାର ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ରଂଜନ ମହାନ୍ତି ଓ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଏହି ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ସୂଚନାନୁସାରେ, ଗତ ଅଗଷ୍ଟ ୭ ତାରିଖ ଅପରାହ୍ନରେ ଦଶପଲ୍ଲା ହନୁମାନ ବଜାରର ଶୋଭନ କୁମାର ମିଶ୍ର (୪୦) ନିଜ ଘର ସାମ୍ନାରେ ରଖିଥିବା ରୋୟାଲ ଏନଫିଲ୍ଡ ବୁଲେଟ୍ ଚୋରି ହୋଇଯାଇଥିଲା। ଏ ନେଇ ସେ ଅଗଷ୍ଟ ୮ ରେ ଦଶପଲ୍ଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ-୨୦୫/୨୦୨୬ (ବିଏନ୍‌ଏସ୍ ଧାରା ୩୦୩(୨)) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲାୟ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଗଠିତ ଟିମ୍ ତଦନ୍ତ ଚଳାଇ କଇଁଆଡ଼ିହ ଗ୍ରାମର ଦୁଇ ଯୁବକ ବଳରାମ ନାଏକ (୨୦) ଓ ଅନୁଭବ ନାଏକ (୨୦)ଙ୍କୁ ଗିରଫ କରିଥିଲେ।ସେମାନଙ୍କୁ ପଚରାଉଚରା ପରେ ଚୋରି ହୋଇଥିବା ବୁଲେଟ୍ ସମେତ ଅନ୍ୟ ୪ଟି ଗାଡ଼ି ଜବତ କରାଯାଇଛି। ଜବତ ଗାଡ଼ି ଗୁଡ଼ିକ ହେଲା ରୋୟାଲ ଏନଫିଲ୍ଡ ବୁଲେଟ ହିରୋ ଗ୍ଲାମର୍, ହୋଣ୍ଡା ସାଇନ୍, ହିରୋ ସିଡି ଡିଲକ୍ସ , ହୋଣ୍ଡା ଆକ୍ଟିଭା ଦଶପଲ୍ଲା ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ସଫଳତାକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

# ରାସ୍ତାରେ ଅବାଧରେ ବୁଲୁଛନ୍ତି ଗୋରୁଗାଈ

## ଗୋଶାଳା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦାବି

**ରାଇଘର,(ମହାଭାରତ):**

ରାଇଘର ଅଞ୍ଚଳରେ ଦିନକୁ ଦିନ ବୁଲା ଗୋରୁଗାଈଙ୍କ ସଂଖ୍ୟା ବଢ଼ିବା ଏବେ ଏକ ବଡ଼ ସମସ୍ୟାର ରୂପ ନେଇଛି। ରାଇଘରର ବିଭିନ୍ନ ରାସ୍ତା ଉପରେ ଅବାଧରେ ଗୋରୁଗାଈ ବୁଲୁଥିବା ଦେଖିବାକୁ ମିଳୁଛି। କେଉଁଠି ରାସ୍ତା ମଝିରେ ଗୋରୁଙ୍କ ଭିଡ଼ ଲାଗୁଥିବା ବେଳେ ଆଉ କେଉଁଠି ଦଳ ଦଳ ହୋଇ ରାସ୍ତାକଡ଼ରେ ବସି ରହୁଛନ୍ତି।ବିଶେଷକରି ରାତି ସମୟରେ ରାସ୍ତା ଉପରେ ଗୋରୁଙ୍କ ଉପସ୍ଥିତି ଯୋଗୁଁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଛି। ଏଥିସହ ରାସ୍ତାରେ ବୁଲୁଥିବା ଗୋରୁମାନେ ମଧ୍ୟ ଗାଡ଼ି ଧକ୍କାର ଶିକାର ହେବାର ଆଶଙ୍କା ରହୁଛି। ଖାଦ୍ୟ ପାଣି ଓ ଆଶ୍ରୟର ଅଭାବ ଯୋଗୁଁ ବୁଲା ଗୋରୁଙ୍କ ସୁରକ୍ଷା ଓ ଯତ୍ନକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି।ଏଭଳି ପରିସ୍ଥିତିରେ ରାଇଘରରେ ଏକ



ସୁବ୍ୟବସ୍ଥିତ ଓ ସ୍ଥାୟୀ ଗୋଶାଳା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତ। ଗୋଶାଳା ନିର୍ମାଣ ହେଲେ ରାସ୍ତାରେ ବୁଲୁଥିବା ଗୋରୁମାନଙ୍କୁ ଥଇଥାନ କରିବା ସହ ସେମାନଙ୍କ ପାଇଁ ଖାଦ୍ୟ ପାଣି ଓ ଆବଶ୍ୟକ ଚିକିତ୍ସାର ବ୍ୟବସ୍ଥା କରାଯାଇପାରିବ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।ରାସ୍ତା ଉପରେ ଗୋରୁଙ୍କ ସଂଖ୍ୟା ଏପରି ବଢ଼ି ଚାଲିଥିବାରୁ ଯେକୌଣସି ସମୟରେ ବଡ଼ ଅଘଟଣ ଘଟିବାର ଆଶଙ୍କା ରହିଛି। ତେଣୁ ଗୋରୁଙ୍କ ସୁରକ୍ଷା ସହ ଯାତ୍ରୀ ଓ ଚାଳକଙ୍କ ଜୀବନ ସୁରକ୍ଷା ପାଇଁ ରାଇଘରରେ ଗୋଶାଳା ନିର୍ମାଣ ଅତ୍ୟନ୍ତ ଆବଶ୍ୟକ ବୋଲି ଅଞ୍ଚଳବାସୀ କହିଛନ୍ତି।ଏବେ ଅଞ୍ଚଳବାସୀଙ୍କ ଏହି ଦାବି ଉପରେ ପ୍ରଶାସନ କେବେ ଗୁରୁତ୍ୱ ଦେଉଛି ଏବଂ ରାଇଘରରେ ସ୍ଥାୟୀ ଗୋଶାଳା ନିର୍ମାଣ ଦିଗରେ କେବେ ପଦକ୍ଷେପ ନିଆଯାଉଛି ତାହାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି।

## ରୋଟାରୀ କ୍ଲବ ଅଫ୍ ଭାଇବ୍ରାଣ୍ଟର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ

**ରାଉରକେଲା,:** ରୋଟାରୀ କ୍ଲବ ଅଫ୍ ଭାଇବ୍ରାଣ୍ଟ ତରଫରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ହାଇଟେକ୍ ମେଡିକାଲ୍ କଲେଜ ର ମିଳିତ ଆନୁକୂଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ବେଦବ୍ୟାସ ସ୍ଥିତ ଗୁରୁକୁଳ ଆଶ୍ରମ ଟି ଅନୁଷ୍ଠିତ ହୋଇଯାଇଛି। ହାଇଟେକ୍ ମେଡିକାଲ୍ କଲେଜର ଏଜିଏମ ଶୁଭାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଡ଼ାକ୍ତରୀ ଦଳ ଓ ଭାଇବ୍ରା□ ସଦସ୍ୟ ଙ୍କ ସହାୟତା ରେ ଆଶ୍ରମର ପ୍ରାୟ ୨୦୦ ଜଣ ଅନ୍ତେବାସୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା ଓ ଔଷଧ ବିତରଣ କରାଯାଇଥିଲା। ସେହିପରି ଆଶ୍ରମର ପ୍ରାକ୍ତନ ଅଧ୍ୟକ୍ଷ ଡ ଉମାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ସହଯୋଗରେ ଅନ୍ତେବାସୀଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା। ଅନ୍ୟପଟେ ପୂର୍ବରୁ ଏକ ସଚେତନତା କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଫେସର ରୋଟାରିଆନ ଅଞ୍ଜଳି ହୋତା ଡେଙ୍ଗୁ, ମ୍ୟାଲେରିଆ ରୁ ମୁକ୍ତି ପାଇବା ପାଇଁ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଭାଇବ୍ରାଣ୍ଟ ସଭାପତି ରୋଟାରିଆନ ଡ ସଞ୍ଜୁକ୍ତା ପତି, ସମ୍ପାଦକ ରୋଟାରିଆନ ବିଜୟଲକ୍ଷ୍ମୀ ତ୍ରିପାଠୀ, ତଥା ସମସ୍ତ ରୋଟାରିଆନ ବସନ୍ତ ତନ୍ତୀ, ପ୍ରଶାନ୍ତ ପାତ୍ର, ଅଶୋକ ମିଶ୍ର, ଅଞ୍ଜଳି ହୋତା, ଅନିତା ନାୟକ, ଅନିତା ଜୈନ,ଡ଼ ନିବେଦିତା ପଟ୍ଟନାୟକ ରାୟ, ନିରୁପମା ପତି, ସୈୟଦାମିନୀ ଶତପଥୀ ତଥା କାର୍ଯ୍ୟକ୍ରମର ଅଧ୍ୟକ୍ଷ ବିଘ୍ନେଶ ପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରତିଯୋଗିତା :୨୦୭ଜଣ ସାମିଲ



**ମାଲକାନଗିରି,(ମହାଭାରତ):**

ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରେକ୍ଷାଳୟ ପରିସରରେ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲ୍ଲା ସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ଏବଂ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ସମୁଦାୟ ୨୦୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।ଏହି ପ୍ରତିଯୋଗିତାକୁ ପ୍ରାକ୍-କନିଷ୍ଠ, କନିଷ୍ଠ, ବରିଷ୍ଠ ଓ ମହାବିଦ୍ୟାଳୟ ଭଳି ଚାରୋଟି ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ସମୁଦାୟ ୯୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରାକ୍-କନିଷ୍ଠ ବର୍ଗରେ ୨୨, କନିଷ୍ଠରେ ୩୩, ବରିଷ୍ଠରେ ୨୦ ଏବଂ ମହାବିଦ୍ୟାଳୟ ସ୍ତରରୁ ୨୩ ଜଣ ପ୍ରତିଯୋଗୀ ସାମିଲ ଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ସମୁଦାୟ ୧୦୯ ଜଣ କୃତୀ ପ୍ରତିଭା ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ପ୍ରାକ୍-କନିଷ୍ଠରେ ୩୧, କନିଷ୍ଠରେ ୩୨, ବରିଷ୍ଠରେ ୨୭ ଏବଂ ମହାବିଦ୍ୟାଳୟ ବର୍ଗରେ ୧୯ ଜଣ ପ୍ରତିଯୋଗୀ ନିଜର କଳା ପ୍ରଦର୍ଶନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟକ୍ରମ ସଂଯୋଜନା ଦାୟିତ୍ୱରେ ଥିବା ହରେକୃଷ୍ଣ କୀର୍ତ୍ତନିୟା ଏବଂ ରଞ୍ଜନ କୁମାର ମହାନ୍ତି ପ୍ରତିଯୋଗିତା ସ୍ଥଳରେ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ। ଜିଲ୍ଲା ବିଜ୍ଞାନ ସୁପରଭାଇଜର ଜଗନ୍ନାଥ ବେହେରା, ଜିଲ୍ଲା ପ୍ରାଥମିକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ଏବଂ ମାଲକାନଗିରି ବାଳକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ଦିପ କୁମାର ଦାଶ ମୁଖ୍ୟ ତତ୍ତ୍ୱାବଧାରକ ଭାବେ ଶୃଙ୍ଖଳା ରକ୍ଷା କରିବା ସହ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗୀଙ୍କ ନାମ ପଞ୍ଜୀକରଣ କାର୍ଯ୍ୟକୁ ମାଣ୍ଡପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶରତ ଚନ୍ଦ୍ର ଦାସ ଏବଂ ଆକୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବାସୁଦେବ ପଣ୍ଡା ସୂଚାରୁରୂପେ ସମ୍ପାଦନ କରିଥିଲେ।ପ୍ରତିଯୋଗିତାର ସ୍ୱଚ୍ଛତା ତଥା ସଠିକ୍ ମୂଲ୍ୟାଙ୍କନ ପାଇଁ ଅଭିଜ୍ଞ ବିଚାରକ ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଚିତ୍ରାଙ୍କନ ବିଭାଗରେ ମହେନ୍ଦ୍ର ପାଟିକା (ଏମ.ଭି.-୧୯ ସରକାରୀ ପ୍ରାଥମିକ ବିଦ୍ୟାଳୟ) ଓ ପ୍ରଶାନ୍ତ କୁମାର ସେଠୀ (ଦାନିଗୁଡା ପ୍ରାଥମିକ ବିଦ୍ୟାଳୟ) ପ୍ରାକ୍-କନିଷ୍ଠ ଓ କନିଷ୍ଠ ବର୍ଗର ବିଚାର କରିଥିବା ବେଳେ ମନୋଜ କୁମାର ମହାନ୍ତି (ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋଣ୍ଡିପାଲି) ଓ ଦେବାଶିଷ ସାହୁ (ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ମାଲକାନଗିରି) ବରିଷ୍ଠ ଓ ମହାବିଦ୍ୟାଳୟ ବର୍ଗର ଚିତ୍ରଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଅପରପକ୍ଷରେ ରଚନା ବିଭାଗରେ ଦୀନବନ୍ଧୁ ବେଜ (ଏସ.ଏଲ.ଏନ. ଉଚ୍ଚ ବିଦ୍ୟାଳୟ, ଶିଖାପାଲି) ଓ ହରେକୃଷ୍ଣ ବାରିକ (ବେଙ୍ଗଲୀ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି) ପ୍ରାକ୍-କନିଷ୍ଠ ଓ କନିଷ୍ଠ ବର୍ଗ ପାଇଁ ଏବଂ ଇପ୍ସିତା ପ୍ରିୟଦର୍ଶିନୀ (ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଲକାନଗିରି) ଓ କନିଷ୍କ ନାଗ (ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଟାପାକା) ବରିଷ୍ଠ ଓ ମହାବିଦ୍ୟାଳୟ ବର୍ଗ ପାଇଁ ବିଚାରକ ସଦସ୍ୟ ଭାବେ ନିଯୁକ୍ତ ହୋଇ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତାର ସମସ୍ତ ବିଜେତାଙ୍କ ନାମ ଆଗାମୀ ମୁଖ୍ୟ ସମାରୋହରେ ଘୋଷଣା କରାଯାଇ ପୁରସ୍କୃତ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ପାଇଛି।

## ଚିଲିକାରେ ନିଖୋଜ ନାବାଳକ ମୃତଦେହ ଉଦ୍ଧାର

**କୃଷ୍ଣପ୍ରସାଦ,(ମହାଭାରତ):**ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରାମଲଙ୍କା ଗ୍ରାମ ପଞ୍ଚାୟତ କୁମାର ପୁର ଚିଲିକାରେ ମାଛ ଧରିବା ବେଳେ ଘଟିଛି ଅଘଟଣ। କୁମାରପୁର ଗ୍ରାମର ଚିନ୍ମୟ ବେହେରା, ଅମର ବେହେରାଏବଂ ଓମ ଶିକାର କୁମାରପୁର ଗ୍ରାମ ନିକଟ ଶ୍ୟାମାକାଳୀ ବାହାର ଚିଲିକା ରୁ ମାଛ ଧରୁଥିଲେ। ସୋମବାର ସଂଧ୍ୟା ୭ ଟା ସମୟରେ ହଠାତ ୨ଟି ଡଙ୍ଗାରେ ୨୦ରୁ ଉର୍ଦ୍ଧ ଲୋକ ମାରଣାସ୍ତ୍ର ସହ ଆସି ଧମକାଇ ଥିଲେ। ସେମାନଙ୍କ ମାଛ ଧରି ନେଇଯିବା ସହ ଆକ୍ରମଣ କରିଥିଲେ। ଏକ ଭୁଜାଲିରେ ଅମର ବେହେରାଙ୍କ ମୁଣ୍ଡ କୁ ହାଣି ଦେଇଥିଲେ। ଚିନ୍ମୟ ବେହେରା କୌଶଳ ରେ ଖସି ଚାଲି ଆସିଥିବା ବେଳେ ଓମ ନାମକ ଜଣେ ନାବାଳକ ଚିଲିକା ରେ ନିଖୋଜ ଥିଲେ। ୧୫ଘଣ୍ଟା ପରେ ନିଖୋଜ ଓମ ର ଶବ ଚିଲିକାରେ ଭାସୁଥିବା ଜଣାପଡ଼ିଛି।

## ଉମରକୋଟରେ ଲଗାତାର ଚୋରି ମାମଲାରେ ୨ ଗିରଫ



**ଉମରକୋଟ,(ମହାଭାରତ):**ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଦିନ ଦି ପ୍ରହରରେ ଘରେ ପଶି ଲୁଟ କରୁଥିବା ମାମଲାରେ ଦୁଇ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି ଉମରକୋଟ ପୋଲିସ। ସେମାନଙ୍କ ଠାରୁ ୧୩ଟି ମୋବାଇଲ ଫୋନ୍ ଜବତ କରିଛି ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲ୍ଲା ଆମପାଣି ଥାନା ଅଞ୍ଚଳର ଆଶିଷ ବେହେରା ଓ ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅଞ୍ଚଳର ରାକେଶ କଟିମ୍ । ଏହାସହ ୩ ଜଣ ଶିଶୁଙ୍କୁ ମଧ୍ୟ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ସମ୍ମୁଖରେ ହାଜର କରାଯାଇଛି। ଉମରକୋଟ ଥାନା କେସ୍ ନମ୍ବର ୨୯୮, ତାରିଖ ୦୫ ଅଗଷ୍ଟ ୨୦୨୬ । ଡିଏନକେ ଉମରକୋଟ ଟିଚର କଲୋନୀରେ ରହୁଥିବା ସ୍ୱର୍ଣ୍ଣକାନ୍ତି ମହାପାତ୍ରଙ୍କ ଘରେ ଚୋରି ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଅନୁସାରେ, ଘରର ତାଲା ଭାଙ୍ଗି ଦୁଇଟି ମୋବାଇଲ ଫୋନ୍, ଗୋଟିଏ ସୁନା ମୁଦି, ଗୋଟିଏ ଯୋଡ଼ା ସୁନା କାନଫୁଲ ଏବଂ ପ୍ରାୟ ୫୦୦ ଟଙ୍କାର ଖୁଚୁରା ପଇସା ଚୋରି ହୋଇଥିଲା । ଅଭିଯୋଗ ପରେ ଉମରକୋଟ ପୋଲିସ ତଦନ୍ତ ଆରମ୍ଭ କରି ଆଶିଷ ବେହେରା ଓ ରାକେଶ କଟିମ୍‌ଙ୍କୁ ଧରିଥିଲା । ତଦନ୍ତ ବେଳେ ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୧୩ଟି ମୋବାଇଲ ଫୋନ୍ ଜବତ ହୋଇଛି।

## ଭେଜାଗୁଡା ପଞ୍ଚାୟତ ସମିତିରେ ମିଳିତ ଜନ ଅଭିଯୋଗ ଶୁଣାଣି

**ମାଲକାନଗିରି,(ମହାଭାରତ):**ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅଧିନସ୍ଥ ଭେଜାଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ସଭାପତିତ୍ୱ କରିଥିଲେ । ଶିବିରରେ ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଗୁଡ଼ିକର ପ୍ରତ୍ୟକ୍ଷ ସମୀକ୍ଷା କରିଥିଲେ । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା ସଫଳତାର ସହ ସଂଯୋଜନା କରିଥିବା ବେଳେ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ।ଶିବିରରେ ମୋଟ ୬୪ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୪୧ଟି ସାମୁଦାୟିକ ସମସ୍ୟା ସମ୍ପର୍କିତ ରହିଥିଲା। ଶୁଣାଣି ସମୟରେ ତତ୍କାଳ ଭାବେ ୦୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି।

## ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଦିନକୁ ଦିନ ବଢୁଥିବା ସାଇବର ଅପରାଧ ଓ ଅନଲାଇନ୍ ଠକେଇକୁ ରୋକିବା ସହ ଜନସାଧାରଣଙ୍କ ସମେତ ଛାତ୍ରଛାତ୍ରୀ ମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ପୋଲିସ ପକ୍ଷରୁ ଆଜି ଗଜପତି ଜିଲ୍ଲାର ରାୟଗଡ , ଅନାଘା , ଗୁରାଣ୍ଡି ସ୍ଥିତ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ସମ୍ପୃକ୍ତ ଅଞ୍ଚଳର ଥାନା ପକ୍ଷରୁ ଭିନ୍ନ ଭିନ୍ନ ଭାବେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଉଚ୍ଚବିଦ୍ୟାଳୟ ମାନଙ୍କରେ ସମ୍ପୃକ୍ତ ଅଞ୍ଚଳର ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ସାଇବର ଠକେଇର ବିଭିନ୍ନ ଉପାୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ବିଶେଷକରି ବିଭିନ୍ନ ସାଇବର୍ ଠକେଇ, ସାମାଜିକ ଗଣ ମାଧ୍ୟମରେ ଅପବ୍ୟବହାର, ଓଟିପି , ଏଟିଏମ୍ /ପିନ , ବ୍ୟାଙ୍କ ଆକାଉ□ ଓ ୟୁପିଆଇ ତଥ୍ୟ କାହା ସହିତ ସେୟାର ନ କରିବା, ଅଜଣା ଲିଙ୍କରେ କ୍ଲିକ୍ ନ କରିବା ଏବଂ ଅଜଣା ବ୍ୟକ୍ତିଙ୍କ ଭିଡିଓ କଲ୍, ଫୋନ୍ କିମ୍ବା ମେସେଜ୍ରେ ବିଶ୍ୱାସ ନ କରିବା ପାଇଁ କହିବା ସହ ଏ ସବୁଠାରୁ ନିଜକୁ କିଭଳି ସୁରକ୍ଷିତ ରଖିବେ ସେ ସବୁର ବିଭିନ୍ନ ଦିଗ ଉପରେ ସଚେତନ କରାଇ ପରାମର୍ଶ ଦିଆଯାଇଥିଲା। ମୁଖ୍ୟତଃ ଡିଜିଟାଲ୍ ଆରେଷ୍ଟ, ଫେକ୍ କଷ୍ଟମର୍ କେୟାର୍, ଅନଲାଇନ୍ ଚାକିରି ଠକେଇ, ନକଲି



ସୋସିଆଲ୍ ମିଡିଆ ପ୍ରୋଫାଇଲ୍, ଫିଶିଂ ଲିଙ୍କ୍ ଓ ୟୁପିଆଇ ଠକେଇ ଭଳି ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ମଧ୍ୟ ଉଦାହରଣ ଦେଇ ସଚେତନ କରାଯାଇଥିଲା।ପୋଲିସ ପକ୍ଷରୁ କୁହାଯାଇଥିଲା ଯେ, ସାଇବର ଠକେଇର ଶିକାର ହେଲେ ଭୟଭୀତ ନ ହୋଇ ତୁରନ୍ତ ୧୯୩୦ ସାଇବର କ୍ରାଇମ୍ ହେଲ୍ପଲାଇନ୍ରେ ଯୋଗାଯୋଗ କରିବେ ଏବଂ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇବା ଆବଶ୍ୟକ।

## ତିନିଦିନ ଧରି ନିଖୋଜ ଗଳିତ ମୃତଦେହ ଉଦ୍ଧାର

**ଆସିକା (ମହାଭାରତ):**

ତିନିଦିନ ଧରି ନିଖୋଜ ଗଳିତ ମୃତ ଦେହ ଉଦ୍ଧାର। ପ୍ରକାଶ ଥାଉକି ଆସିକା ଥାନା କମାଗଡ଼ ଗ୍ରାମର ଶଙ୍କର ବେହେରା (୭୦) ଗତ ୦୮/୦୮/୨୦୨୬ ରେ ବିଲକୁ କାମ କରିବାକୁ ଯାଇ ଆଉ ଫେରିନଥିଲେ ବହୁତ ଖୋଜା ଖୋଜି ପରେ ଶଙ୍କରଙ୍କୁ ନପାଇବାରୁ ଶଙ୍କର ବେହେରାଙ୍କ ବୋହୁ ଜୋସ୍ନା ବେହେରା ଆସିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଆସିକା ପୋଲିସ ଥାନା କେସ ନମ୍ବର ୨୪/୨୬ରେ ଏକ ଅପମୃତ୍ୟୁ ମାମଲା ଜୁକରି ଦମକଳ ବାହିନୀ ଓ ଆସିକା ପୋଲିସ ବହୁତ ଖୋଜା ଖୋଜି ପରେ ସରାଘାଇ କେନାଲରୁ ଶବ କୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଛେଦ ପରେ ପୋଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

## ଦୁଇଦିବସୀୟ ଏମ୍‌ଏସ୍‌ଏମ୍‌ଇ ସଚେତନତା କାର୍ଯ୍ୟକ୍ରମ




**ରାଉରକେଲା:**ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ସେଲ୍ ଏବଂ ଶାଖା ଏମଏସଏମଇ-ଡିଏଫଓ, ରାଉରକେଲାର ମିଳିତ ଆନୁକୂଲ୍ୟରେ ଅଗଷ୍ଟ ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ସେକ୍ଟର-୧୯ ସ୍ଥିତ ସିଭିକ ସେଣ୍ଟରଠାରେ ଏମଏସଏମଇ ମାନଙ୍କ ପାଇଁ ଏକ ବ୍ୟବସାୟିକ ସୁଯୋଗ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୁଡିକୁ ବଡ଼ ସାର୍ବଜନିକ କ୍ଷେତ୍ର ଅନୁଷ୍ଠାନ ସହିତ ଯୋଡି କ୍ରୟ ଓ ଯୋଗାଣ ସୁଯୋଗ ସମ୍ପର୍କରେ ସଚେତନ କରାଇବା। ପ୍ରଥମ ଦିନର ଉଦଘାଟନୀ ଅଧିବେଶନରେ ଶାଖା ଏମଏସଏମଇ-ଡିଏଫଓ, ରାଉରକେଲାର ସହକାରୀ ନିର୍ଦ୍ଦେଶକ ଏସ୍. କେ. ପତି ସ୍ୱାଗତ ଭାଷଣ ଦେଇଥିଲେ। ସେହି ଅନୁଷ୍ଠାନର ନିର୍ଦ୍ଦେଶକ ଡ ଏସ୍. କେ. ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରେ ସମ୍ମାନିତ ଅତିଥି ଭାବେ ଏନଏସଆଇସି, ରାଉରକେଲାର ବରିଷ୍ଠ ଶାଖା ପ୍ରବନ୍ଧକ ଦୁର୍ଗା ମାଧବ ନାୟକ ଏବଂ ସମ୍ବଲପୁର ଏସଏମଇ ଶାଖାର ଏଜିଏମ୍ ବିଶ୍ୱଜିତ ଦାସ ଯୋଗ ଦେଇଥିଲେ।ରାଉରକେଲା ଷ୍ଟିଲ ପ୍ଲାଣ୍ଟ ନିର୍ଦ୍ଦେଶକ ପ୍ରଭାରୀ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ବୋଧନ ଦେଇ କହିଥିଲେ ଯେ ପରସ୍ପର ସହଭାଗିତା ଆତ୍ମନିର୍ଭରଶୀଳ ଭାରତ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଏଭଳି ସୁଯୋଗ କୁ ଆରଏସପି ସବୁବେଳେ ପ୍ରୋତ୍ସାହିତ କରିଆସିଛି।

# କାଦୁଅ ପଚପଚରେ ଶିଆଳବନ୍ଧ ରାସ୍ତା

## ଯାତାୟାତରେ ଲୋକେ ହନ୍ତସନ୍ତ



**ପାଟଣାଗଡ,(ମହାଭାରତ):**

ପାଟଣାଗଡ଼ ବ୍ଲକ ତେଣ୍ଡାପଦର ପଞ୍ଚାୟତ ଅନ୍ତର୍ଗତ ଶିଆଳବନ୍ଧ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଦିନରେ ସମ୍ପୂର୍ଣ୍ଣ ଭାବରେ କାଦୁଅ ପଚପଚ ହୋଇ ଯାଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ଓ ପାଣି ଜମି ରହିଥିବାରୁ ଯାତାୟାତ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇ ପଡ଼ିଛି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ରାସ୍ତାର ମରାମତି କାର୍ଯ୍ୟ ହୋଇ ନ ଥିବାରୁ ବର୍ଷା ହେଲେ ପରିସ୍ଥିତି ଆହୁରି ଦୟନୀୟ ହୋଇଯାଏ। ବିଶେଷ କରି ଛାତ୍ରଛାତ୍ରୀ, ରୋଗୀ ଓ ଦୈନନ୍ଦିନ କାମରେ ଯାଉଥିବା ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ସ୍ଥାନୀୟ ଲୋକେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗଙ୍କୁ ତୁରନ୍ତ ରାସ୍ତାର ମରାମତି କରିବା ସହ ଯାତାୟାତ ଉପଯୋଗୀ କରିବାକୁ ଦାବି କରିଛନ୍ତି।

## ଅସ୍ତିତ୍ୱର ତୃତୀୟ ବାର୍ଷିକ ଉତ୍ସବ

**ରାଉରକେଲା:** ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱର ତୃତୀୟ ବାର୍ଷିକ ଉତ୍ସବ ଆଦର୍ଶ ସାହିତ୍ୟ ଘର ଠାରେ ଅନୁଷ୍ଠିତ ହୋଇଯାଇଛି। ଅସ୍ତିତ୍ୱର ସଭାପତି ଇପ୍ସିତା ବିଶ୍ୱାଳ ଓ ସମ୍ପାଦକ କୁନାଲ କୁମାର କେଶରୀଙ୍କ ଆବାହକତ୍ୱ ତଥା ସୁବ୍ରତା ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକ, ବିଜେପି ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି, ପ୍ରାକ୍ତନ କଂଗ୍ରେସ ସଭାପତି ରବି ରାୟ, ସାମ୍ବାଦିକ ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାମ୍ବାଦିକ, ସମାଜସେବୀ, ଡାକ୍ତର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ସିରିଆରେ ୨୪ ବର୍ଷ ଧରି ଏକଛତ୍ରବାଦୀ ଶାସନ ଚଳାଇଥିବା ପଳାତକ ବସର ଅଲ-ଆସାଦଙ୍କୁ ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ : ସିରିଆର ଏକ କୋର୍ଟ ପୂର୍ବତନ ଶାସକ ପଳାତକ ବଶର ଅଲ-ଆସାଦଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଗୃହଯୁଦ୍ଧ ସମୟରେ ଯୁଦ୍ଧ ଅପରାଧ ଏବଂ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବାରୁ କୋର୍ଟ ତାଙ୍କୁ ତାଙ୍କ ଅନୁପସ୍ଥିତିରେ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ବଶର ଅଲ-ଆସାଦ ୨୪ ବର୍ଷ ଧରି ସିରିଆରେ ଶାସନ କରିଥିଲେ। କିନ୍ତୁ, ଡିସେମ୍ବର ୨୦୨୪ ରେ ଇସଲାମିକ ଶକ୍ତି ଡାମାସକସ୍ ନିକଟରେ ପହଞ୍ଚିବା ପରେ, ସେ ତାଙ୍କ ପରିବାର ସହିତ ରୁଷକୁ ପଳାଇ ଯାଇଥିଲେ ଏବଂ ସେବେଠାରୁ ସେଠାରେ ଅଛନ୍ତି।ବଶର ଅଲ-ଆସାଦଙ୍କୁ କ୍ଷମତା ଚ୍ୟୁତ କରି ତାଙ୍କ ସ୍ଥାନରେ ଆମେରିକା ସମର୍ଥିତ ରାଷ୍ଟ୍ରପତି ଅହମଦ ଅଲ-ଶାରାଙ୍କ ନେତୃତ୍ୱରେ ଦେଶରେ ଶାସନ ଚାଲିଛି। ୧୩



ବର୍ଷର ଗୃହଯୁଦ୍ଧରେ ପ୍ରାୟ ପାଞ୍ଚ ଲକ୍ଷ ଲୋକ ପ୍ରାଣ ହରାଇଥିଲେ ଏବଂ ଲକ୍ଷ ଲକ୍ଷ ଲୋକ ଭିଟାମାଟି ଛାଡିଥିଲେ।। ସିରିଆର ଭିତ୍ତିଭୂମି ଧ୍ୱଂସ ହୋଇଯାଇଥିଲା। କୋର୍ଟ କହିଛନ୍ତି, ୨୦୧୧ ମସିହାରେ ଦାରା ପ୍ରଦେଶରେ ଅସାଦଙ୍କ ସରକାର ଦ୍ୱାରା କରାଯାଇଥିବା ଅପରାଧ ମାନବତା ବିରୋଧୀ ଅପରାଧ ଥିଲା। ପୂର୍ବତନ ସିରିଆ ସେନା ନେତା ଏବଂ ବଶରଙ୍କ ସାନ ଭାଇ ମାହେର ଅଲ-ଅସାଦଙ୍କୁ ମଧ୍ୟ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। କୋର୍ଟ ବଶାର ଅଲ-ଅସାଦଙ୍କ ସମ୍ପର୍କୀୟ ଭାଇ, ସିରିଆ ସେନାର ପୂର୍ବତନ ବ୍ରିଗେଡିୟର ଜେନେରାଲ ଆତେଫ୍ ନଜିବଙ୍କୁ ମଧ୍ୟ ମୃତ୍ୟୁ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ୨୦୧୧ ମସିହାରେ, ଅସାଦଙ୍କ ଶାସନ ସମୟରେ ନଜିବ ଦକ୍ଷିଣ ସିରିଆର ଦାରା ପ୍ରଦେଶରେ ରାଜନୈତିକ ସୁରକ୍ଷା ଶାଖାର ନେତୃତ୍ୱ ନେଇଥିଲେ। ଗତ ବର୍ଷ ଜାନୁଆରୀରେ ଆତେଫ୍ ନଜିବଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ହତ୍ୟା, ୧୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଉଦ୍ଦେଶ୍ୟମୂଳକ ହତ୍ୟା ଏବଂ ନିର୍ଯାତନା ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କୋର୍ଟ ନଜିବଙ୍କ ବିରୋଧରେ ଅଭିଯୋଗକୁ ମାନବତା ବିରୋଧୀ ଅପରାଧ ବୋଲି ରାୟ ଦେଇଥିଲେ। ଅଲ-ଆସାଦ ପରିବାର ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ସିରିଆରେ ଶାସନ କରିଥିଲେ। ହାଫେଜ୍ ଅଲ୍-ଆସାଦ ଏବଂ ତାଙ୍କ ପରେ ତାଙ୍କ ପୁଅ ବଶର ଅଲ୍-ଆସାଦ ଶାସନ କରିଥିଲେ। 'ଆରବ ସ୍ପ୍ରିଙ୍ଗ୍' ସମୟରେ, ୨୦୧୧ ମସିହାରେ ୨୩ ନିୟୁତ ଲୋକ ବସବାସ କରୁଥିବା ଏହି ଦେଶରେ ଦମନକାରୀ ଏକଛତ୍ରବାଦୀ ଶାସନ ବିରୋଧରେ ଏକ ବିଦ୍ରୋହ ଆରମ୍ଭ ହୋଇଥିଲା। ଏହା ଏକ ବିନାଶକାରୀ ୧୩ ବର୍ଷର ଗୃହଯୁଦ୍ଧର ଆରମ୍ଭ କରିଥିଲା ଯେଉଁଥିରେ ସିରିଆନ୍ ଅବଜରଭେଟୋରୀ ଫର୍ ହ୍ୟୁମାନ୍ ରାଇଟ୍ସ ଅନୁଯାୟୀ, ପାଞ୍ଚ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଲକ୍ଷ ଲକ୍ଷ ଲୋକ ଦେଶ ଛାଡି ଲେବାନନ୍, ଜୋର୍ଡାନ, ତୁର୍କୀ ଏବଂ ୟୁରୋପକୁ ପଳାଇ ଯାଇଥିଲେ। କ୍ଷମତାରେ ରହିବା ପାଇଁ ଆସାଦ ପରିବାର ଧାର୍ମିକ ଏବଂ ସାମ୍ପ୍ରଦାୟିକ ଉତ୍ତେଜନାର ଫାଇଦା ଉଠାଇଥିବା ଅଭିଯୋଗ ହୋଇଥିଲା।

## କଲମ୍ବିଆ ଭୂମିକମ୍ପରେ ବଢିଚାଲିଛି ମୃତକଙ୍କ ସଂଖ୍ୟା, ୨୭୦୦ ନିଖୋଜ



ନୂଆଦିଲ୍ଲୀ : କଲମ୍ବିଆରେ ଭୟଙ୍କର ଭୂମିକମ୍ପ ପରେ ଉଦ୍ଧାର ଓ ସନ୍ଧାନ ଅଭିଯାନ ଜୋରଦାର ଭାବେ ଜାରି ରହିଛି । ଭୂମିକମ୍ପର ତୀବ୍ରତା ୭.୪ ରହିଥିଲା । ଭୂମିକମ୍ପରେ ମୃତକଙ୍କ ସଂଖ୍ୟା ୧୩୨ରେ ପହଞ୍ଚିଥିବା ବେଳେ ୫୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆଗକୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି । ଭୂମିକମ୍ପ ପରେ ୨,୭୦୦ରୁ ଅଧିକ ଲୋକଙ୍କ ପତ୍ତା ମିଳୁନଥିବା ନେଇ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ କରିଛନ୍ତି । ଅନେକ ଲୋକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କାରେ ଉଦ୍ଧାରକାରୀ ଦଳ ରାତିଦିନ ସନ୍ଧାନ ଚଳାଇଛନ୍ତି । ପେରେଇରା, କାଲି, ମାନିଜାଲେସ୍, କ୍ୱିବ୍ ଡୋ ଓ ଆର୍ମେନିଆ ସମେତ ପଶ୍ଚିମ କଲମ୍ବିଆର ଅନେକ ସହର ଭୂମିକମ୍ପରେ ଗୁରୁତର ପ୍ରଭାବିତ ହୋଇଛି । ଶତାଧିକ ଘର ଓ କୋଠା କ୍ଷତିଗ୍ରସ୍ତ ହୋଇଥିବା ବେଳେ କେତେକ ସ୍ଥାନରେ ସମ୍ପୂର୍ଣ୍ଣ କୋଠା ଭୁଶୁଡ଼ି ପଡ଼ିଛି । ହସ୍ପିଟାଲ ଓ ଅନ୍ୟାନ୍ୟ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । କେବଳ ସହରରେ ବହୁ ମୃତାହତ ହୋଇଥିବା ରିପୋର୍ଟ ରହିଛି । ଲୁଟପାଟ ଆଶଙ୍କାକୁ ଦୃଷ୍ଟିରେ ରଖି କେତେକ ପ୍ରଭାବିତ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଛି । ସୁରକ୍ଷା ବାହିନୀ ସହ ଜରୁରୀକାଳୀନ ଟିମ୍ କୁ ମଧ୍ୟ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି । ମୁଖ୍ୟ ଭୂମିକମ୍ପ ପରେ ଅତିକମରେ ୨୧ଟି ଆଫ୍‌ଟର ସକ୍ ରେକର୍ଡ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ଜାରି ରହିଛି । କ୍ଷତିଗ୍ରସ୍ତ କୋଠାଗୁଡ଼ିକୁ ଫେରିବା ପୂର୍ବରୁ ସୁରକ୍ଷା ଯାଞ୍ଚ ପାଇଁ ପ୍ରଶାସନ ପରାମର୍ଶ ଦେଇଛି । କଲମ୍ବିଆ ସରକାର ଜାତୀୟ ଜରୁରୀକାଳୀନ ସ୍ଥିତି ଘୋଷଣା କରି ଉଦ୍ଧାର, ଚିକିତ୍ସା ଓ ରିଲିଫ୍ କାର୍ଯ୍ୟକୁ ପ୍ରାଥମିକତା ଦେଇଛନ୍ତି । ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ଶୀଘ୍ର ଜୀବିତ ଉଦ୍ଧାର ଉପରେ ଏବେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ।

## ନେତାଜୀଙ୍କ ଚିତାଭସ୍ମ ଫେରାଇ ଆଣିବା ମାମଲା ବୋଷଙ୍କ ଝିଅ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ



ନୂଆଦିଲ୍ଲୀ : ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ଅନିତା ବୋଷ ଫାଫ୍ ଜାପାନର ଟୋକିଓସ୍ଥିତ ରେଙ୍କୋଜି ମନ୍ଦିରରୁ ତାଙ୍କ ଚିତାଭସ୍ମ ଫେରାଇ ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ ଏଏମ୍ ସିଂଘଭି କହିଛନ୍ତି ଯେ ଏହା ଏପରି ଏକ ମାମଲା ଯେଉଁଥିରେ ନେତାଜୀଙ୍କ ଝିଅ ବ୍ୟକ୍ତିଗତ ଭାବରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଜୟମାଲ୍ୟ ବାଗଚୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କୁ ପ୍ରଥମେ ଜବାବ ଦେବାକୁ ଅନୁମତି ଦିଆଯିବା ଉଚିତ୍। ଏହାପରେ ସିଜେଆଇ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ।ପୂର୍ବରୁ, ମାର୍ଚ୍ଚ ୨୦୨୬ ରେ, ସୁପ୍ରିମକୋର୍ଟ ନେତାଜୀଙ୍କ ପୁତୁରାଙ୍କ ପୁଅ ଆଶିଷ ରାୟଙ୍କ ଦ୍ୱାରା ଦାୟର ଏକ ଜନହିତକର ଆବେଦନର ଶୁଣାଣି କରିବାକୁ ମନା କରିଦେଇଥିଲେ। ସେହି ସମୟରେ, ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ କହିଥିଲେ ଯେ ନେତାଜୀଙ୍କ ଝିଅ ଅନିତା ବୋଷ ଫାଫ୍ ବ୍ୟକ୍ତିଗତ ଭାବରେ ନିଜ ନାମରେ ଆବେଦନ ଦାଖଲ କରିବା ଉଚିତ୍, କାରଣ ସେ ତାଙ୍କର ଆଇନଗତ ଉତ୍ତରାଧିକାରୀ। ବର୍ତ୍ତମାନ, ଅନିତା ବୋଷ ଫାଫ୍ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି, ଯେଉଁଥିରେ ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା ନେତାଜୀଙ୍କ ଚିତାଭସ୍ମକୁ ଭାରତକୁ ଫେରାଇ ଆଣିବା ପାଇଁ ଦାବି କରାଯାଇଛି। ନେତାଜୀଙ୍କ ଝିଅ ଦାବି କରୁଛନ୍ତି ଯେ ନେତାଜୀଙ୍କ ଅସ୍ଥି, ଯାହା ଜାପାନର ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା କୁହାଯାଉଛି, ତାହାକୁ ଭାରତ ଅଣାଯାଉ। ସେ କହିଛନ୍ତି ଯେ ନେତାଜୀଙ୍କୁ ଭାରତ ମାଟିରେ ଶେଷ ସମ୍ମାନ ଦିଆଯିବା ଉଚିତ୍ । ସେ ବର୍ଷ ବର୍ଷ ଧରି ଏହି ଦାବି ପାଇଁ କାମ କରିଆସୁଛନ୍ତି। ଏହା ଉଲ୍ଲେଖନୀୟ ଯେ ନେତାଜୀଙ୍କ ଅସ୍ଥି ଫେରାଇ ଆଣିବା ପ୍ରସଙ୍ଗ ତାଙ୍କ କଥିତ ବିମାନ ଦୁର୍ଘଟଣା ଘଟଣା ପରି ପୁରୁଣା । ନେତାଜୀଙ୍କ ଝିଅ ଅନିତା ବୋଷ ଜର୍ମାନୀରେ ରୁହନ୍ତି ଏବଂ ତାଙ୍କ ପିତାଙ୍କ ଅସ୍ଥିକୁ ଜନ୍ମଭୂମିକୁ ଫେରାଇ ଆଣିବା ପାଇଁ ନିରନ୍ତର ଆବେଦନ କରିଆସୁଛନ୍ତି। ଗତ ବର୍ଷ, ନେତାଜୀଙ୍କ ଅଣନାତି ଚନ୍ଦ୍ର କୁମାର ବୋଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ଲେଖି ନେତାଜୀଙ୍କ ଅସ୍ଥିକୁ ଭାରତ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ । କୁହାଯାଉଛି ଯେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ୧୮ ଅଗଷ୍ଟ ୧୯୪୫ରେ ତାଇୱାନରେ ଏକ ଜାପାନୀ ସାମରିକ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କ ଚିତାଭସ୍ମ ସେପ୍ଟେମ୍ବର ୧୯୪୫ ଠାରୁ ରେଙ୍କୋଜି ବୌଦ୍ଧ ମନ୍ଦିରରେ ଏକ କଳସରେ ସଂରକ୍ଷିତ ଅଛି । ନେତାଜୀଙ୍କ ମୃତ୍ୟୁର ତଦନ୍ତରୁ ଜଣାପଡିଛି ଯେ, ସେ ବିମାନ ଦୁର୍ଘଟଣାରେ ଗୁରୁତର ପୋଡ଼ି ଯାଇଥିଲେ ଏବଂ ଜାପାନର ଏକ ସାମରିକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା।

## ମୁନ୍ ବେସ୍ ପ୍ରୋଗ୍ରାମରେ ଯୋଗଦେବାକୁ ଇସ୍ରୋକୁ ନାସାର ଆମନ୍ତ୍ରଣ

ନୂଆଦିଲ୍ଲୀ : ଭାରତ ଏବଂ ଆମେରିକା ମଧ୍ୟରେ ମହାକାଶ ଗବେଷଣା ଓ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ସାମ୍ନାକୁ ଆସିଛି। ଆର୍ଟେମିସ୍ ଆକର୍ଡସ ଅଧୀନରେ ନିଜର ''ମୁନ୍ ବେସ୍ ପ୍ରୋଗ୍ରାମ''ରେ ଯୋଗଦେବା ପାଇଁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ''ନାସା'' ଭାରତୀୟ ମହାକାଶ ଗବେଷଣା ସଂସ୍ଥା ''ଇସ୍ରୋ''କୁ ଆମନ୍ତ୍ରଣ କରିଛି। ଆମେରିକା ଦୂତାବାସ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଏହାସହ ବେସାମରିକ ମହାକାଶ ଅଭିଯାନ ପାଇଁ ଖୋଲା ବୈଜ୍ଞାନିକ ତଥ୍ୟ ଆଦାନପ୍ରଦାନ ଉପରେ ଆଲୋଚନାକୁ ଆଗକୁ ନେବା ପାଇଁ ଉଭୟ ପକ୍ଷ ସମ୍ମତି ପ୍ରକାଶ କରିଛନ୍ତି। ଅଗଷ୍ଟ ୫ ଏବଂ ୬ ତାରିଖରେ ବାଙ୍ଗାଲୋରସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଅନୁଷ୍ଠିତ ୯ମ ଭାରତ-ଆମେରିକା ବେସାମରିକ




ମହାକାଶ ଯୁଗ୍ମ କାର୍ଯ୍ୟକାରୀ ଦଳ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି ବୈଠକରେ ଉଭୟ ଦେଶ ବେସାମରିକ ଓ ବାଣିଜ୍ୟିକ ମହାକାଶ ସହଯୋଗ, ଭବିଷ୍ୟତର ବୈଜ୍ଞାନିକ ଅଭିଯାନ ଏବଂ ମାନବ ମହାକାଶ ଯାତ୍ରା ପ୍ରଯୁକ୍ତିବିଦ୍ୟା ଭାଗିଦାରୀ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମହାକାଶରେ ନିଜର ନେତୃତ୍ୱକୁ ମଜବୁତ୍ କରିବା, ନୂତନ ବୈଜ୍ଞାନିକ ଆବିଷ୍କାର, ନବସୃଜନ ଏବଂ ପରବର୍ତ୍ତୀ ସମୟରେ ମଙ୍ଗଳ ଗ୍ରହକୁ ମାନବ ଅଭିଯାନ ପାଇଁ ପ୍ରସ୍ତୁତ ହେବାକୁ ନାସା ଚନ୍ଦ୍ରର ଦକ୍ଷିଣ ଧ୍ରୁବ ନିକଟରେ ଏକ ମୁନ୍ ବେସ୍ ନିର୍ମାଣ କରୁଛି। ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ସହଯୋଗୀଙ୍କୁ ସାମିଲ କରାଯାଉଛି। ଭାରତ ଜୁନ୍ ୨୧, ୨୦୨୩ରେ ଆର୍ଟେମିସ୍ ଆକର୍ଡସର ୨୭ତମ ସଦସ୍ୟ ଭାବେ ସ୍ୱାକ୍ଷର କରିଥିଲା।

## ହିମାଚଳରେ ମୌସୁମୀ ବିପ୍ରାତ: ୧୫୭ ମୃତ, ୨୫୯ ରାସ୍ତା ବନ୍ଦ

କନକ ବ୍ୟୁରୋ: ଲଗାଣ ବର୍ଷା, ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ହିମାଚଳ ପ୍ରଦେଶର ସ୍ଥିତି ଦିନକୁ ଦିନ ଗମ୍ଭୀର ହେଉଛି । ଜୁନ୍ ୩୦ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାଜନିତ ଘଟଣା ଓ ସଡ଼କ ଦୁର୍ଘଟଣାରେ ୧୫୭ ଜଣଙ୍କ ମୃତ୍ୟୁ ହୋଇଛି । ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟରର ରିପୋର୍ଟ ଅନୁସାରେ, ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ୬୮ ଜଣ ପ୍ରାଣ ହରାଇଛନ୍ତି । ଏହାସହ ସଡ଼କ ଦୁର୍ଘଟଣାରେ ଆଉ ୮୯ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୨୫୭ ଜଣ ନିଖୋଜ ଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି । ଭୂସ୍ଖଳନ ଯୋଗୁଁ ରାଜ୍ୟର ପ୍ରାୟ ୨୫୯ଟି ରାସ୍ତାରେ ଯାତାୟାତ ଠପ୍ ହୋଇଛି । ଏଥିରେ ଗୁରୁତ୍ୱପୂର୍ଣ୍ଣ ମଣ୍ଡି-କୁଲ୍ଲୁ ରାଜପଥ ମଧ୍ୟ ରହିଛି। ମଣ୍ଡିରେ ୧୨୦, ଚମ୍ବାରେ ୪୨, କୁଲ୍ଲୁରେ ୪୦ ଏବଂ ଶିମଲାରେ ୩୦ଟି ରାସ୍ତା ବନ୍ଦ ରହିଛି । ଲଗାଣ ବର୍ଷାରେ ପ୍ରାୟ ୯୦୦ଟି ଘର, ସରକାରୀ ସମ୍ପତ୍ତି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇ ଛି। ମୋଟ କ୍ଷୟକ୍ଷତି ପ୍ରାୟ ୮୮୬ କୋଟି ଟଙ୍କା ଆକଳନ କରାଯାଇଛି । ବିଦ୍ୟୁତ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ୧୬୧ଟି ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍ ଅଚଳ ହୋଇଥିବା ବେଳେ ମଣ୍ଡିରେ ୭୭ଟି, ଶିମଲାରେ ୪୩ଟି ଓ କୁଲ୍ଲୁରେ ୪୦ଟି ଟ୍ରାନ୍ସଫର୍ମର୍ ପ୍ରଭାବିତ ହୋଇଛି । ସ୍ଥିତି ଏବେ ବି ଚିନ୍ତାଜନକ । ଭାରତୀୟ ପାଣିପାଗ ବିଭାଗ କାଙ୍ଗଡ଼ା, ମଣ୍ଡି, ହମିରପୁର, ଶିମଲା ଓ ସିରମୌରରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ୍ ଆଲର୍ଟ ଜାରି କରିଛି । ଚମ୍ବା, କୁଲ୍ଲୁ, ସୋଲନ ଓ ବିଲାସପୁରରେ ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ଫଳରେ ଭିତ୍ତିଭୂମି ପୁନରୁଦ୍ଧାର ସହ ଆଗକୁ ଆସୁଥିବା ବର୍ଷାକୁ ମୁକାବିଲା କରିବା ହିମାଚଳ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି ।

## ଝାଡ଼ଖଣ୍ଡରେ ନିଯୁକ୍ତି ଦୁର୍ନୀତି ଆନ୍ଦୋଳନ ତୀବ୍ର: ୧୮ଶ ଦିନରେ ପ୍ରତିବାଦ, ବିଜେପିର ରାଜ୍ୟବ୍ୟାପୀ ବନ୍ଦ ଡାକରା.

ରାଞ୍ଚି: ଝାଡ଼ଖଣ୍ଡରେ ସରକାରୀ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗକୁ ନେଇ ଆନ୍ଦୋଳନରତ ଛାତ୍ର ଏବଂ ଚାକିରି ଆଶାୟୀଙ୍କ ଆନ୍ଦୋଳନ ମଙ୍ଗଳବାର ୧୮ଶ ଦିନରେ ପହଞ୍ଚିଛି। ଏହାର ପ୍ରତିବାଦରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ସକାଳ ୮ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଥିବା ବେଳେ 'ଏବିଭିପି' ପୁରୁଣା ବିଧାନସଭାରୁ ନୂତନ ବିଧାନସଭା ପରିସର ପର୍ଯ୍ୟନ୍ତ 'ବିଧାନସଭା ମାର୍ଚ୍ଚ' ପାଇଁ ଯୋଜନା କରିଛି। ଗତ ଜୁଲାଇ ୨୫ ତାରିଖରୁ ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା, ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସସି) ଏବଂ ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ (ଜେଏସଏସସି)ରେ ସଂସ୍କାର, କେତେକ ବିବାଦୀୟ ପରୀକ୍ଷାର ବାତିଲ ଏବଂ ସିବିଆଇ କିମ୍ବା ରାଜ୍ୟ ବାହାରର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା



ନିରପେକ୍ଷ ତଦନ୍ତ ଦାବିରେ ଛାତ୍ରମାନେ ଆନ୍ଦୋଳନ ଚଳାଇଛନ୍ତି। ୬ ଜଣ ଆନ୍ଦୋଳନକାରୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନରେ ବସିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସରକାର ଏବଂ ଆନ୍ଦୋଳନରତ 'ଜେପିଏସସି-ଜେଏସଏସସି ମଞ୍ଚ' ମଧ୍ୟରେ ରବିବାର ହୋଇଥିବା ଷଷ୍ଠ ପର୍ଯ୍ୟାୟ ଆଲୋଚନା ବିନା କୌଣସି ନିଷ୍କର୍ଷରେ ଶେଷ ହୋଇଛି। ୯୮ ପ୍ରତିଶତ ଦାବି ଗ୍ରହଣ କରାଯାଇଥିବା ସତ୍ତ୍ୱେ ଛାତ୍ରମାନେ ଜିଦରେ ଅଟଳ ଥିବା ସରକାରୀ ପ୍ୟାନେଲ କହିଥିବା ବେଳେ ଆନ୍ଦୋଳନକାରୀମାନେ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସୋମବାର ପ୍ରତିବାଦକାରୀମାନେ ବିଧାନସଭା ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବା ପାଇଁ ଲାଠିଚାର୍ଜ, ୱାଟର କାନନ୍ ଏବଂ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏହି ସଂଘର୍ଷରେ ଅନେକ ଆନ୍ଦୋଳନକାରୀ ଆହତ ହୋଇଥିବା ବେଳେ ୧୪ ଜଣ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିବା ରାଞ୍ଚି ପୁଲିସ ଦାବି କରିଛି। ଅନ୍ୟପଟେ, ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ଆର୍ଥିକ ଅନିୟମିତତାର ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କରିଥିବା ବେଳେ ଝାଡ଼ଖଣ୍ଡ ସିଆଇଡି ଜେପିଏସସିର ପୂର୍ବତନ ଅଧ୍ୟକ୍ଷ ଏଲ୍. ଖିଆଙ୍ଗତେଙ୍କୁ ଗିରଫ କରିଛି। ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୨୦ରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରତିବାଦକାରୀ ଛାତ୍ରମାନଙ୍କୁ "ଆଲୋଚନା ଓ ବିଶ୍ୱାସ" ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଅପିଲ୍ କରିଛନ୍ତି ଏବଂ ବିଜେପି ରାଜନୈତିକ ଫାଇଦା ପାଇଁ ଯୁବକମାନଙ୍କୁ ବିଭ୍ରାନ୍ତ କରୁଛି ବୋଲି ଅଭିଯୋଗ କରିଛନ୍ତି। ସେପଟେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିବା ବେଳେ ବିଜେପି ଓ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ତାଙ୍କୁ ସମାଲୋଚନା କରି କଂଗ୍ରେସ ଶାସକ ମେଣ୍ଟର ଅଂଶବିଶେଷ ବୋଲି କହିଛନ୍ତି। ସରକାରୀ ସୂଚନା ଅନୁଯାୟୀ, ୧୪ଶ ଜେପିଏସସି ପରୀକ୍ଷା ଏବଂ ୨୦୨୩ ଓ ୨୦୨୫ର ବ୍ୟାକଲଗ୍ ପରୀକ୍ଷା ବାତିଲ କରିବାକୁ ସରକାର ସମ୍ମତି ଜଣାଇଛନ୍ତି। ତେବେ ଜେଏସଏସସି-ସିଜିଏଲ୍ ପରୀକ୍ଷା କୋର୍ଟଙ୍କ ପ୍ରତ୍ୟକ୍ଷ ନଜରଦାରୀରେ ହୋଇଥିବାରୁ ଏହାକୁ ବାତିଲ କରାଯାଇପାରିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସିଆଇଡି ତଦନ୍ତର ତଦାରଖ ପାଇଁ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ନେତୃତ୍ୱରେ କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିଲେ ହେଁ ଆନ୍ଦୋଳନକାରୀମାନେ ଏପର୍ଯ୍ୟନ୍ତ ସିବିଆଇ ତଦନ୍ତ ଦାବିରେ ଅଡ଼ିବସିଛନ୍ତି।

## ମୁମ୍ବାଇରେ ଲଗାତାର ୨ଟି ଭୂକମ୍ପ ଝଟକା

ମୁମ୍ବାଇ : ମୁମ୍ବାଇ ନିକଟସ୍ଥ ପାଲଘର ଜିଲ୍ଲାରେ ଲଗାତାର ୨ଟି ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଯାହା ୩.୨ ଏବଂ ୩.୪ ତୀବ୍ରତା ରିକ୍ଟର ସ୍କେଲରେ ମପାଯାଇଛି । ଭୂକମ୍ପ ଲଗାତାର ୨ ଥର ହେବାରୁ ସମସ୍ତଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ଲୋକମାନଙ୍କୁ ସତର୍କ ରହିବାକୁ ପ୍ରଶାସନ ନିବେଦନ କରିଛି । ସୂଚନାନୁଯାୟୀ, ଏହି ଭୂକମ୍ପରେ କୌଣସି ଲୋକଙ୍କ ଜୀବନ କିମ୍ବା ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ସୂଚନା ନାହିଁ । ପାଲଘର ଜିଲ୍ଲା ସୂଚନା କାର୍ଯ୍ୟାଳୟ ଅନୁସାରେ ପ୍ରଥମ ୩.୨ ତୀବ୍ରତାର ଝଟକା ସୋମବାର ରାତି ୧୦ ଟା ୪ ମିନିଟରେ ଅନୁଭୂତ ହୋଇଥିଲା ଏବଂ ୩.୪ ତୀବ୍ରତାର ଭୂକମ୍ପ ଝଟକା ରାତି ୧୧ଟାରେ ଅନୁଭୂତ ହୋଇଥିଲା । ଯାହା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିଲା । ଅନ୍ୟପଟେ ସ୍ଥାନୀୟ ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି । ଏଥିସହ ଅଧିକାରୀମାନେ ଲୋକଙ୍କୁ ଭୟଭୀତ ହେବା ପରିବର୍ତ୍ତେ ଶାନ୍ତ ରହିବା ଏବଂ ଭୂମିକମ୍ପ ସୁରକ୍ଷା ବ୍ୟବସ୍ଥା ଅନୁସରଣ କରିବାକୁ ଅନୁରୋଧ କରିଛନ୍ତି ।

# ଶ୍ରୀଲଙ୍କାକୁ ହରାଇବା ପାଇଁ ମାଷ୍ଟରପ୍ଲାନ୍

ନୂଆଦିଲ୍ଲୀ, ୧୧।୦୮ ; ଅଗଷ୍ଟ ୧୫ରୁ ଗାଲେରେ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପୂର୍ବରୁ ଭାରତୀୟ ଦଳ ଜୋରଦାର ପ୍ରସ୍ତୁତି କରିସାରିଛି । ସୋମବାର କଲମ୍ବୋର ନଣ୍ଡେସ୍କ୍ରିପ୍ଟସ୍ କ୍ରିକେଟ୍ କ୍ଲବ୍ (ଏନ୍ ସିସି)ରେ ଅନୁଷ୍ଠିତ ଅଭ୍ୟାସ ଅଧିବେଶନରେ ଭାରତୀୟ ଦଳ ଅଂଶଗ୍ରହଣ କରିଥିଲେ । ଦ୍ରୁତ ବୋଲର ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଏବଂ ଗୁରନୁର ବ୍ରାରଙ୍କୁ ବିଶ୍ରାମ ଦିଆଯାଇଥିଲା । କ୍ୟାପ୍ଟେନ୍ ଶୁଭମନ ଗିଲ୍ ଏବଂ ଅନ୍ୟ ବ୍ୟାଟର ମାନେ ଏକ ସ୍ୱତନ୍ତ୍ର ପିଚ୍ ରେ ପ୍ରସ୍ତୁତି କରିଛନ୍ତି । ଯାହା ଗାଲେ ଟେଷ୍ଟରେ ଶ୍ରୀଲଙ୍କା ଦ୍ୱାରା କରାଯାଇଥିବା ରିଭର୍ସ ସୁଇଙ୍ଗ୍ ଏବଂ ସ୍ପିନ୍ ଚକ୍ରବ୍ୟୁହ ଭାଙ୍ଗିବା ପାଇଁ କାମରେ ଆସିବ ।

ଖାସ୍ ପିଚ୍ ରେ ଟିମ୍ ଇଣ୍ଡିଆର ପ୍ରସ୍ତୁତି- ଗାଲେ ଟେଷ୍ଟରେ ମିଳିବାକୁ ଥିବା ରିଭର୍ସ ସ୍ୱିଙ୍ଗ୍ ଓ ସ୍ପିନ୍ ବୋଲରଙ୍କ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଏନସିସି ଗ୍ରାଉଣ୍ଡ ଷ୍ଟାଫଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଥିଲା । ତିନି ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳାଯାଇଥିବା ଅଭ୍ୟାସ ଅଧିବେଶନରେ ଦଳ ସମାନ ପିଚ୍ ବ୍ୟବହାର କରିଥିଲା । ବାସ୍ତବରେ, ଏହି ପିଚ୍ ଚତୁର୍ଥ ଦିନର ପରିସ୍ଥିତି ଭାବରେ ବ୍ୟବହୃତ ହୋଇଥିଲା, ଯେଉଁଥିରେ ଅନେକ ଫରକ ଦେଖିବାକୁ ମିଳିଥିଲା । ଏହାପରେ ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁଥାର ଓ ସାଂରାଶ ଜୈନଙ୍କ ଭଳି ଭାରତୀୟ ସ୍ପିନରଙ୍କ ବିପକ୍ଷରେ ବ୍ୟାଟର ଟେକ୍ନିକ୍ ଓ ଫୁଟୱର୍କ ଉପରେ କାମ କରିଥିଲେ ।

ରିଭର୍ସ ସ୍ୱିଙ୍ଗ୍ ପାଇଁ ଗିଲଙ୍କ ସ୍ୱତନ୍ତ୍ର ନେଟ୍ ଅଧିବେଶନ- ଆଙ୍ଗୁଠିରେ ଆଘାତରୁ ଫେରିଥିବା ଅଧିନାୟକ ଶୁଭମନ ଗିଲ୍ ନେଟ୍ସରେ ପ୍ରସ୍ତୁତି କରିଥିଲେ । ଗିଲ୍ ସିଧା ନେଟ୍ସକୁ ଯାଇ ଥ୍ରୋ-ଡାଉନ୍ ସ୍ପେଶାଲିଷ୍ଟଙ୍କ ସହ ଅଭ୍ୟାସ କରିଥିଲେ । ପ୍ରାୟ ୨୦ ମିନିଟର ଏହି ଥ୍ରୋ-ଡାଉନ୍ ଅଧିବେଶନ ପରେ, ଗିଲ୍ ସେଣ୍ଟର ୱିକେଟ୍ କୁ ଯାଇ ଜାମ୍ମୁ କାଶ୍ମୀର ଦ୍ରୁତ ବୋଲର ଆକିବ୍ ନବିଙ୍କ ବଲକୁ ସାମ୍ନା କରିଥିଲେ । ନବି ମଧ୍ୟ ପୁରୁଣା ବଲ୍ ସହିତ ବୋଲିଂ କରିଥିଲେ, ଯାହା ଦ୍ୱାରା ରିଭର୍ସ ସ୍ୱିଙ୍ଗ୍ ଅଭ୍ୟାସ ହୋଇପାରିବ ।

କହି ରଖୁଛୁ ଯେ, ଶ୍ରୀଲଙ୍କା ପିଚ୍ ରେ ବଲ୍ ର ଚମକ ଶୀଘ୍ର ଶେଷ ହୋଇଥାଏ, ଯେଉଁଥିପାଇଁ ରିଭର୍ସ ସ୍ୱିଙ୍ଗ୍ ହୋଇଥାଏ । ଏହି ଚ୍ୟାଲେଞ୍ଜକୁ ଧ୍ୟାନରେ ରଖି ଟିମ୍ ଇଣ୍ଡିଆ ବିଭିନ୍ନ ପ୍ରକାର ବଲ୍ ସାଙ୍ଗରେ ନେଇଛି । ଯାହାଫଳରେ ଦଳ ସବୁ ପ୍ରକାରେ ମ୍ୟାଚ୍ ପାଇଁ ପ୍ରସ୍ତୁତ ହୋଇପାରିବ ।



ରାହୁଲ ଓପନର ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍ରୁ ଅବସର ନେବା ପରେ କେଏଲ ରାହୁଲ ପୁନର୍ବାର ଓପନିଂ ସ୍ଥାନ ଫେରି ପାଇଛନ୍ତି । ଅଭ୍ୟାସ ମ୍ୟାଚରେ ତାଙ୍କ ପ୍ରଦର୍ଶନ ସେଭଳି ଆକର୍ଷଣୀୟ ନଥିଲେ ହେଁ ଟିମ ମ୍ୟାନେଜମେଣ୍ଟ ବିକଳ୍ପ ଚିନ୍ତା କରୁନାହିଁ । ରାହୁଲଙ୍କ ଉପରେ ଦଳର ପୂର୍ଣ୍ଣ ଭରସା ରହିଛି । ସୁଦର୍ଶନଙ୍କ ବିକଳ୍ପ ପାଡିକଲ ଆହତ ସୁଦର୍ଶନଙ୍କ ସ୍ଥାନରେ ସରଫରାଜ ଖାନଙ୍କୁ ଦଳକୁ ଡାକରା ମିଳିଥିଲେ ହେଁ ଦେବଦତ୍ତ ପାଡିକଲଙ୍କୁ ଏକାଦଶରେ ଅଗ୍ରାଧିକାର ମିଳିବା ନିଶ୍ଚିତ । ଅଭ୍ୟାସ ମ୍ୟାଚରେ ପାଡିକଲ ୩ନଂ ସ୍ଥାନରେ ବ୍ୟାଟିଂ କରି ଶତକ ଅର୍ଜନ କରିବା ସହ ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତ ଥିବା ପ୍ରମାଣ କରିଛନ୍ତି । ତେଣୁ ସେ ଟେଷ୍ଟ ସିରିଜରେ ଏହି ସ୍ଥାନ ସମ୍ଭାଳିବେ । ଆହତ ଶୁଭମନ ଗିଲ୍ ଅଭ୍ୟାସ ମ୍ୟାଚର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ଦଳକୁ ଆଶ୍ୱସ୍ତ କରିଛନ୍ତି । ପ୍ରଥମ ଟେଷ୍ଟ ପୂର୍ବରୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଯିବେ । ତେଣୁ ସେ ୪ନଂ ସ୍ଥାନ ଫେରି ପାଇବେ । ୫ନଂ ସ୍ଥାନ ପାଇଁ ଋଷଭ ପନ୍ତ ପ୍ରସ୍ତୁତ ହୋଇ ରହିଛନ୍ତି । ଶେଷ ୫ଟି ସ୍ଥାନରେ ଭାରତ ୨ଜଣ ସ୍ପିନ ବୋଲିଂ ଅଲରାଉଣ୍ଡର, ୨ଜଣ ପେସ୍ ବୋଲର ଓ ଜଣେ ସ୍ପିନରଙ୍କୁ ଖେଳାଇବା ସମ୍ଭାବନା ରହିଛି । ଫଳରେ କେବଳ ବ୍ୟାଟିଂ କ୍ରମର ୬ନଂ ସ୍ଥାନ ବାକି ରହୁଛି । ଜୁରେଲଙ୍କୁ ଗୁରୁତ୍ୱ ବ୍ୟାଟିଂ କ୍ରମର ୬ନଂ ସ୍ଥାନ ପାଇଁ ଧ୍ରୁବ ଜୁରେଲ ଓ ସରଫରାଜଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ଆଶା କରାଯାଉଛି । ଜୁରେଲ ଟେଷ୍ଟ ଦଳର ନିୟମିତ ସଦସ୍ୟ ରହିଛନ୍ତି । ତାଙ୍କ ଫୁଟୱାର୍କ ଓ ବ୍ୟାଟିଂ ଟେକ୍ନିକ୍ ଟେଷ୍ଟ କ୍ରିକେଟ୍ ପାଇଁ ଉପଯୁକ୍ତ ଥିବା ବହୁ ପୂର୍ବତନ ଖେଳାଳି ମତ ଦେଉଛନ୍ତି । ମାତ୍ର ସର୍ଫରାଜଙ୍କ ନିକଟରେ ରହିଛି ଘରୋଇ କ୍ରିକେଟ୍ର ଅଭିଜ୍ଞତା ଓ ଅବିଶ୍ୱସନୀୟ ସଫଳତା । ପୂର୍ବରୁ ମଧ୍ୟ ସେ ଟେଷ୍ଟ କ୍ରିକେଟ୍ରେ ୬ନଂ ସ୍ଥାନ ସମ୍ଭାଳି ସାରିଛନ୍ତି । ସ୍ପିନରଙ୍କ ବିପକ୍ଷରେ ସୁଇପ ସଟ୍ ଖେଳିବାରେ ମଧ୍ୟ ସରଫରାଜ ସିଦ୍ଧହସ୍ତ ।

ଭାରତୀୟ ଦଳରେ ୩ଜଣ ସ୍ପିନ ବୋଲିଂ ଅଲରାଉଣ୍ଡର ଜାଡେଜା, ସାରାଂଶ ଜୈନ ଓ ମାନବ ସୁତାର ରହିଛନ୍ତି । କୁଲଦୀପ ଯାଦବ ସ୍ପିନର ଭାବେ ସ୍ଥାନ ପାଇଛନ୍ତି । ଭାରତ ୫ ବ୍ୟାଟର, ୩ ଅଲ୍ରାଉଣ୍ଡର, ୩ ବୋଲର ସଂରଚନା ରଖିଲେ କୁଲଦୀପ ଏକାଦଶରେ ସ୍ଥାନ ପାଇ ପାରିବେ । ୬ ବ୍ୟାଟର, ୩ ଅଲରାଉଣ୍ଡର, ୨ ବୋଲର ଚୟନ କରାଗଲେ ସର୍ଫରାଜ ଓ ଜୁରେଲଙ୍କ ମଧ୍ୟରୁ ଜଣେ ବାଦ ପଡିବେ । ଜାଡେଜା, ସାରାଂଶ, ସୁତାର ଖେଳିବେ ଓ କୁଲଦୀପ ବାଦ ପଡିଯିବେ । ଜାଡେଜାଙ୍କ ସହ ସୁତାର ଏକାଦଶରେ ସ୍ଥାନ ପାଇବା ଏକ ପ୍ରକାର ନିଶ୍ଚିତ । ଶ୍ରୀଲଙ୍କା ଦଳରେ ବାମ ହାତି ବ୍ୟାଟରେ ରହିଥିବାରୁ ଡାହାଣ ହାତି ଅଫସ୍ପିନ ଅଲରାଉଣ୍ଡର ଭାବେ ସାରାଂଶଙ୍କୁ ଖେଳାଇବାକୁ ଯୋଜନା କରାଯାଇପାରେ । ଏଭଳି ପରିସ୍ଥିତିରେ ଭାରତ ଷଷ୍ଠ ବ୍ୟାଟରଙ୍କୁ ସମ୍ପୂର୍ଣ୍ଣ ରୂପେ ବାଦ ଦେବା ଉପଯୁକ୍ତ ନିଷ୍ପତ୍ତି ହେବ । ୬ନଂ ସ୍ଥାନରେ ଜାଡେଜା, ୭ନଂ ସ୍ଥାନରେ ସାରାଂଶ, ୮ନଂ ସ୍ଥାନରେ ସୁତାର ଖେଳି ପାରିବେ । ଶେଷ ୩ଟି ସ୍ଥାନରେ ମହମ୍ମଦ ସିରାଜ, କୁଲଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା ବ୍ୟାଟିଂ କରିବେ । ୬ନଂ ସ୍ଥାନରେ ସ୍ପେଶାଲିଷ୍ଟ ବ୍ୟାଟର ଖେଳିଲେ ୩ ସ୍ପିନ ବୋଲିଂ ଅଲରାଉଣ୍ଡରଙ୍କ ମଧ୍ୟରୁ ଜଣେ କିମ୍ବା କୁଲଦୀପ ଯାଦବ ଏକାଦଶରୁ ବାଦ ପଡିଯିବେ । ସମ୍ଭାବ୍ୟ ଏକାଦଶ ଯଶସ୍ୱୀ ଜୈସ୍ୱାଲ, କେଏଲ ରାହୁଲ, ଦେବଦତ୍ତ ପାଡିକଲ, ଶୁଭମନ ଗିଲ୍, ଋଷଭ ପନ୍ତ, ରବିନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ସାରାଂଶ ଜୈନ, ମାନବ ସୁତାର, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ।

### ଗାଲେରେ ଭାରତର ରେକର୍ଡ

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ୧୫ ଅଗଷ୍ଟରୁ ଗାଲେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପରିପ୍ରେକ୍ଷୀରେ ଏହି ସିରିଜ୍ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ । ଗାଲେ ଷ୍ଟାଡିୟମରେ ଭାରତର ରେକର୍ଡ ବିଷୟରେ କହିବାକୁ ଗଲେ, ଟିମ୍ ଇଣ୍ଡିଆ ଅଗଷ୍ଟ ୨୦୦୧ରେ ସେଠାରେ ପ୍ରଥମ ଟେଷ୍ଟ ଖେଳିଥିଲା । ଏହି ମ୍ୟାଚ୍ ଭାରତ ହାରିଯାଇଥିଲା । ସେବେଠାରୁ, ଟିମ୍ ଇଣ୍ଡିଆ ଏହି ସ୍ଥାନରେ ଆଉ ଚାରୋଟି ଟେଷ୍ଟ ଖେଳିଛି । ଟିମ୍ ଇଣ୍ଡିଆ ଜୁଲାଇ ୨୦୧୭ରେ ଗାଲେ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଶେଷ ଟେଷ୍ଟ ଖେଳିଥିଲା ଏବଂ ସେହି ମ୍ୟାଚ୍କୁ ୩୦୪ ରନରେ ଜିତିଥିଲା । ଶ୍ରୀଲଙ୍କା ବିପକ୍ଷରେ, ଦଳ ସେପ୍ଟେମ୍ବର ୨୦୨୪ରେ ଏଠାରେ ଶେଷ ଟେଷ୍ଟ ଜିତିଥିଲା । ଗତ ବର୍ଷ ଏହି ସ୍ଥାନରେ ଅନୁଷ୍ଠିତ ଦୁଇଟି ଟେଷ୍ଟରେ ଶ୍ରୀଲଙ୍କା ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଡ୍ର ରହିଥିଲା । ଗାଲେରେ ଖେଳାଯାଇଥିବା ପାଞ୍ଚଟି ଟେଷ୍ଟ ମଧ୍ୟରୁ ଭାରତୀୟ ଦଳ ଦୁଇଟିରେ ବିଜୟୀ ହୋଇଛି । ପ୍ରଥମ ବିଜୟ ୨୦୦୮ ଅଗଷ୍ଟରେ ହୋଇଥିବା ବେଳେ ସେଥିରେ ଭାରତ ଶ୍ରୀଲଙ୍କାକୁ ୧୭୦ ରନରେ ପରାସ୍ତ କରିଥିଲା । ଦ୍ୱିତୀୟ ଟେଷ୍ଟ ଜୁଲାଇ ୨୦୧୭ରେ ୩୦୪ ରନରେ ଜିତିଥିଲା ଭାରତ । ସେବେଠାରୁ ଭାରତ ଏବେ ସେଠାରେ ଆଉ ଏକ ଟେଷ୍ଟ ଖେଳିବାକୁ ଯାଉଛି ।

## ଟାଇଗର ସଫାରିରେ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୧୧।୮ : ମାତ୍ର ୧୫ ବର୍ଷ ବୟସରେ ଭାରତୀୟ ବରିଷ୍ଠ ଦଳରୁ ଖେଳି ଚର୍ଚ୍ଚାରେ ଥିବା ଯୁବ ବ୍ୟାଟର୍ ବୈଭବ ସୂର୍ଯ୍ୟବଂଶୀ ଏବେ ଟାଇଗର ସଫାରିର ମଜା ନେଉଛନ୍ତି । ଆଇପିଏଲ୍ ଓ ଅନ୍ତର୍ଜାତୀୟ କ୍ରିକେଟ୍ରୁ ପାଇଥିବା ସାମୟିକ ବିରତିରୁ ଫାଇଦା ଉଠାଇ ବୈଭବ ନିଜ ବିହାର ସାଥି ଖେଳାଳିଙ୍କ ସହ ମହାରାଷ୍ଟ୍ରର ରାହାତି ଗେଟ୍ସ୍ଥିତ ବୋର ଟାଇଗର ରିଜର୍ଭ ବୁଲିଥିଲେ ।



ନିଜ ଇନ୍ଷ୍ଟାଗ୍ରାମରେ ଏହି ଫଟୋ ଛାଡିବା ମାତ୍ରେ ଏହା ତୁରନ୍ତ ଭାଇରାଲ୍ ହୋଇଯାଇଥିଲା । ଟାଇଗର ସଫାରି ବୁଲିବା ସମୟରେ ବୈଭବଙ୍କ ସହ ତାଙ୍କ ବିହାର ସାଥି ଖେଳାଳି ନୱାଜ ଖାନ୍, ହିମାଂଶୁ ସିଂହ, ସବିର ଖାନ୍, ବିପିନ ସୌରଭ ସାମିଲ ଥିଲେ । ଜିମ୍ବାୱେ ଗସ୍ତରେ ଖେଳିଥିବା ୩ଟି ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ବୈଭବ ସୂର୍ଯ୍ୟବଂଶୀ ୧୯୬.୧୦ ଷ୍ଟ୍ରାଇକ୍ ରେଟ୍ରେ ୧୫୧ ରନ୍ ସଂଗ୍ରହ କରିଥିଲେ । ଖୁବ୍ ଶୀଘ୍ର ବୈଭବ ଦଲିପ ଟ୍ରଫିରେ ପଦାର୍ପଣ କରିବାକୁ ଯାଉଛନ୍ତି । ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କୁ ମଧ୍ୟ ପୂର୍ବାଞ୍ଚଳ ଦଳର ଉପ ଅଧିନାୟକ ନିଯୁକ୍ତ କରାଯାଇଛି । ଦଲିପ ଟ୍ରଫିର ପ୍ଲେ ଅଫ୍ରେ ଅଗଷ୍ଟ ୨୩ ତାରିଖରୁ ପୂର୍ବାଞ୍ଚଳ ଦଳ ଉତ୍ତର ପୂର୍ବାଞ୍ଚଳ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ ।

## ଗାଙ୍ଗୁଲିଙ୍କ ସହ ପରିବାରକୁ ହତ୍ୟା ଧମକ

ନୂଆଦିଲ୍ଲୀ, ୧୧।୮ : ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ତଥା ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ମିଳିଛି ଧମକ । ଗାଙ୍ଗୁଲିଙ୍କ ସମେତ ତାଙ୍କ ପତ୍ନୀ ଡୋନା ଗାଙ୍ଗୁଲିଙ୍କୁ ମଧ୍ୟ ଜୀବନରୁ ମାରିଦେବା ପାଇଁ ଧମକ ଦିଆଯାଇଛି । ଏହି ଘଟଣା ପରେ କ୍ରିକେଟ୍ ଜଗତରେ ଏବଂ ସୌରଭଙ୍କ ପରିବାରରେ ଚାଞ୍ଚଲ୍ୟ ଖେଳିଯାଇଛି । ସୁରକ୍ଷାକୁ ନେଇ ଏବେ ବେଶ ଚିନ୍ତାରେ ଗାଙ୍ଗୁଲିଙ୍କ ପରିବାର । ଇଂରାଜୀରେ ଚିଠି ଲେଖାଯାଇଥିବାବେଳେ ପରିବାରକୁ ଉଡ଼ାଇ ଦେବାକୁ ଧମକରେ କୁହାଯାଇଛି । ଏନେଇ ପୁଲିସରେ ଅଭିଯୋଗ ହୋଇଛି । ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗାଙ୍ଗୁଲିଙ୍କ ପରିବାର ଓ ତାଙ୍କ ବ୍ୟକ୍ତିଗତ ସହାୟକଙ୍କ ପକ୍ଷରୁ ସ୍ଥାନୀୟ ଠାକୁରପୁକୁର ପୋଲିସ ଷ୍ଟେସନରେ ଏ ନେଇ ଏକ ଅଭିଯୋଗ ଦାୟର କରାଯାଇଛି । ପୋଲିସ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁସାରେ, ସୋମବାର ସୌରଭ ଗାଙ୍ଗୁଲିଙ୍କ କାର୍ଯ୍ୟାଳୟରେ ଏହି ଧମକପୂର୍ଣ୍ଣ ଚିଠିଟି ପହଞ୍ଚିଥିଲା । ଚିଠିଟି ସମ୍ପୂର୍ଣ୍ଣ ଭାବେ ଇଂରାଜୀ ଭାଷାରେ ଲେଖାଯାଇଥିଲା । ସେଥିରେ କ୍ରିକେଟର ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ 'ଶେଷ କରିଦେବା' ଅର୍ଥାତ୍ ମାରିଦେବାର ଧମକ ଦିଆଯାଇଛି ।

## ନୂଆ ଫର୍ମାଟ୍ରେ ହକି ବିଶ୍ୱକପ୍, ତିନି ପର୍ଯ୍ୟାୟରେ ଖେଳ

ନୂଆଦିଲ୍ଲୀ, ୧୧।୮ : ଅଗଷ୍ଟ ୧୫ ତାରିଖରୁ ବେଲଜିୟମ୍ ଓ ନେଦରଲାଣ୍ଡସରେ ଖେଳାଯିବାକୁ ଥିବା ଏଫଆଇଏଚ୍ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ନୂଆ ଫର୍ମାଟରେ ଖେଳାଯିବ । ସମସ୍ତ ଦଳକୁ ଶେଷ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଏହା ୩ଟି ପର୍ଯ୍ୟାୟରେ ଖେଳାଯିବ । ଏହି କାରଣରୁ ଓପନିଂ ରାଉଣ୍ଡରୁ ହିଁ ପଏଣ୍ଟ୍ ଗୁରୁତ୍ୱପୂର୍ଣ୍ଣ ହେବ, କାରଣ ଏହା ପରବର୍ତ୍ତୀ ପର୍ଯ୍ୟାୟରେ ବି ହିସାବକୁ ନିଆଯିବ । ଏ ସମ୍ପର୍କରେ ଭାରତୀୟ ଦଳ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ କହିଛନ୍ତି 'ଏହା ମଜାଦାର ହେବ, ପ୍ରତି ଦଳ ପାଇଁ କ୍ୱାର୍ଟରଫାଇନାଲ୍ ଭଳି ସୁଯୋଗ ରଖିବ । ଲିଗ୍ ପର୍ଯ୍ୟାୟରୁ କେତେ ପଏଣ୍ଟ୍ ଅର୍ଜନ ହେବ ତାହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ' । କିଭଳି ସୁଯୋଗ ରଖିବ ଏହି ଫର୍ମାଟ ।



ମୋଟ ୧୬ ଦଳ ଅଂଶଗ୍ରହଣ କରୁଥିବାବେଳେ ସେମାନଙ୍କୁ ୪ଟି ପୁଲ୍ରେ (ଏ,ବି,ସି,ଡି) ବିଭକ୍ତ କରାଯାଇଛି । ପ୍ରତି ପୁଲ୍ର ଶ୍ରେଷ୍ଠ ଦୁଇ ଦଳ ସିଧାସଳଖ ଦ୍ୱିତୀୟ ରାଉଣ୍ଡ ଖେଳିବେ । ଅବଶିଷ୍ଟ ୮ ଦଳକୁ ଦୁଇଟି ପୁଲ୍ (ଜି ଓ ଏଚ୍)ରେ ବିଭକ୍ତ କରାଯିବ । ଏହି ଦଳଗୁଡିକ କ୍ଲାସିଫିକେସନ୍ ପର୍ଯ୍ୟାୟରେ ଖେଳିବେ । ଦ୍ୱିତୀୟ ପର୍ଯ୍ୟାୟରେ ପୁଲ୍ 'ଏ' ଓ 'ଡି'ର ୪ ଦଳକୁ ନେଇ 'ଇ' ଏବଂ ବି ଓ ସିର ୪ ଦଳକୁ ନେଇ ପୁଲ୍ 'ଏଫ୍' ଗଠିତ ହେବ । ପ୍ରଥମ ପର୍ଯ୍ୟାୟର ପଏଣ୍ଟ୍ ଏଠାରେ ହିସାବକୁ ନିଆଯିବ । ଏହି ପର୍ଯ୍ୟାୟରେ ପ୍ରତି ଦଳ ୨ଟି ଲେଖାଏଁ ମ୍ୟାଚ୍ ଖେଳିବେ କିନ୍ତୁ ପ୍ରଥମ ରାଉଣ୍ଡ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଆଉ ଖେଳିବେ ନାହିଁ । ତୃତୀୟ ରାଉଣ୍ଡରେ ପୁଲ୍ 'ଇ' ଏବଂ 'ଏଫ'ର ଶୀର୍ଷ ୨ ଲେଖାଏଁ ଦଳ ସେମିଫାଇନାଲ୍ ଖେଳିବେ । ତୃତୀୟ ସ୍ଥାନରେ ଥିବା ଦଳ ୫/୬ ସ୍ଥାନ ପାଇଁ ଏବଂ ଚତୁର୍ଥ ସ୍ଥାନରେ ଥିବା ଦଳ ୭/୮ ସ୍ଥାନ ପାଇଁ ଖେଳିବେ । ସେହି ଦୃଷ୍ଟିରୁ ପ୍ରଥମ ରାଉଣ୍ଡରେ ଅଧିକ ପଏଣ୍ଟ ଅର୍ଜନ ସବୁ ଦଳ ପାଇଁ ନିର୍ଣ୍ଣାୟକ ହେବ ।

## ଆଫଗାନିସ୍ତାନକୁ ବିଶ୍ୱକପ୍ ଟିକେଟ

ବେଲଫାଷ୍ଟ, ୧୧।୮ : ଦିନ ଥିଲା କ୍ରିକେଟ୍ ପଡ଼ିଆରେ ୱେଷ୍ଟଇଣ୍ଡିଜ୍ ପାଦ ଥାପିଲେ ବିପକ୍ଷ ଦଳର ଛାତି ଥରୁଥିଲା । କିନ୍ତୁ ଏବେ ସମୟ ବଦଳିଛି । ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାରୁ ବଞ୍ଚିତ ହୋଇଛି ଏହି ୨ ଥର ବିଜେତା ଦଳ । ସୋମବାର ରାତିରେ ଆୟର୍ଲାଣ୍ଡ୍ ବିପକ୍ଷରେ ଆଫଗାନିସ୍ତାନ ବିଜୟୀ ହେବା ସହ ସିଧାସଳଖ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିନେଇଛି । ଫଳରେ ୱେଷ୍ଟଇଣ୍ଡିଜ୍କୁ ଏବେ ଯୋଗ୍ୟତା ପର୍ଯ୍ୟାୟ ଦେଇ ୨୦୨୭ ଟିକେଟ୍ ହାତେଇବାର ଆହ୍ୱାନକୁ ନିମନ୍ତ୍ରଣ କରିଛି । କାରଣ ଦିନିକିଆ ମାନ୍ୟତାରେ ୧୦ମ ସ୍ଥାନରେ ସଂଘର୍ଷ କରୁଥିବା ୱେଷ୍ଟଇଣ୍ଡିଜ୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ରାସ୍ତା ବନ୍ଦ ହୋଇଯାଇଛି । ୱେଷ୍ଟଇଣ୍ଡିଜ୍ ପାଇଁ



ବର୍ତ୍ତମାନର ସମୀକରଣ କାଠିକର ପାଠ । ଆଗାମୀ ଶୃଙ୍ଖଳାରେ ଯଦି ଦଳ ଶକ୍ତିଶାଳୀ ଭାରତକୁ ୨-୦ରେ ହରାଇ ମୂଳପୋଛ ବିଜୟ ପାଇଲେ ବି ଫାଇଦା ମିଳିବ ନାହିଁ । ଆଇସିସିର ନିୟମ ଅନୁଯାୟୀ, ଦିନିକିଆ ମାନ୍ୟତାର ଶୀର୍ଷ ୮ଟି ଦଳ ଏବଂ ଆୟୋଜକ ଦେଶ ସିଧାସଳଖ ବିଶ୍ୱକପ୍ ଟିକେଟ୍ ପାଇଥାନ୍ତି । ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବ୍ୟାର ମିଳିତ ଆୟୋଜନରେ ହେବାକୁ ଥିବା ୨୦୨୭ ସଂସ୍କରଣ ପୂର୍ବରୁ ବାଂଲାଦେଶ ନବମ ସ୍ଥାନରେ ଥିବାରୁ ଆଶାବାଦୀ ରହିଛି । କିନ୍ତୁ ଅନ୍ୟତମ ଆୟୋଜକ ଜିମ୍ବାୱେ ୧୧ତମ ସ୍ଥାନରେ ଥିବାରୁ ଏହି ଦଳ ସହିତ ୱେଷ୍ଟଇଣ୍ଡିଜକୁ ମଧ୍ୟ ଅନ୍ୟ ଛୋଟ ଏବଂ ସହଯୋଗୀ ରାଷ୍ଟ୍ର ଦଳ ସହ କଡା ମୁକାବିଲା କରିବାକୁ ପଡ଼ିବ । ୱେଷ୍ଟଇଣ୍ଡିଜ୍ ପାଇଁ ଏଭଳି ଦୁର୍ଦ୍ଦଶା ନୂଆ ନୁହେଁ । ଲଗାତାର ତୃତୀୟ ଥର ପାଇଁ ସେମାନେ ଟପ୍-୮ ରେ ରହିବାରେ ବିଫଳ ହୋଇଛନ୍ତି । ୨୦୧୯ ଏବଂ ୨୦୨୩ ବିଶ୍ୱକପ୍ ପୂର୍ବରୁ ମଧ୍ୟ ସେମାନଙ୍କୁ ଯୋଗ୍ୟତା ପର୍ଯ୍ୟାୟ ଖେଳିବାକୁ ବାଧ ହୋଇଥିଲେ । ୨୦୨୩ରେ ଯୋଗ୍ୟତା ଅର୍ଜନରେ ବିଫଳ ବି ହୋଇଥିଲା ।

## ଆଇପିଏଲ ଷ୍ଟାର ପୋରେଲ ଗିରଫ

ନୂଆଦିଲ୍ଲୀ, ୧୧।୮ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳୁଥିବା ଜଣେ ଷ୍ଟାର ଭାରତୀୟ କ୍ରିକେଟଙ୍କୁ ପୁଲିସ ଗିରଫ କରିଛି । ଗିରଫ ଖେଳାଳିଙ୍କ ନାମ ଅଭିଷେକ ପୋରେଲ । ବିବାହ ପ୍ରତିଶ୍ରୁତି ଦେଇ ସେ ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି ।


ପୁଲିସ ଅଧିକାରୀ କୁନାର ଭୂଷଣ ସିଂହ କହିଛନ୍ତି ଯେ ପୋରେଲଙ୍କୁ ଗତକାଲି ବିଳମ୍ବିତ ରାତିରେ ଗିରଫ କରାଯାଇଛି ଏବଂ ଆଜି ତାଙ୍କୁ କୋର୍ଟରେ ହାଜର କରାଯିବ । ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ୬୯ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ବ୍ୟବସ୍ଥା ଅନୁଯାୟୀ କ୍ରିକେଟରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଏପର୍ଯ୍ୟନ୍ତ,



ପୋରେଲଙ୍କ ପରିବାର ପକ୍ଷରୁ ଏହି ବିଷୟରେ କୌଣସି ପ୍ରତିକ୍ରିୟା ମିଳିନାହିଁ । କର୍ଣ୍ଣାଟକର ଜଣେ ମହିଳା ଡାକ୍ତରୀ ଛାତ୍ରୀ ଜୁନ୍ ୨୩ ତାରିଖରେ ମୋଗରା ପୁଲିସ ଷ୍ଟେସନରେ ଅଭିଷେକ ପୋରେଲଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ । ସେ କହିଥିଲେ ଯେ ସେ ଏବଂ ପୋରେଲ ପ୍ରାୟ ସାଢେ ତିନି ବର୍ଷ ଧରି ସମ୍ପର୍କରେ ଥିଲେ ଏବଂ ବିବାହ କରିବାକୁ ଯୋଜନା କରିଥିଲେ ।

ବେଙ୍ଗଲ ପାଇଁ ଘରୋଇ କ୍ରିକେଟ୍ ଖେଳୁଥିବା ଅଭିଷେକ୍ ପୋରେଲ୍ ଏପର୍ଯ୍ୟନ୍ତ ୩୨ଟି ପ୍ରଥମ ଶ୍ରେଣୀ, ୨୩ଟି ଲିଷ୍ଟ-ଏ ଏବଂ ୬୧ଟି ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି । ଏହାସହ ୨୦୨୩ ରୁ ଆଇପିଏଲରେ ସୁଯୋଗ ପାଇଥିବା ଅଭିଷେକ ଏପର୍ଯ୍ୟନ୍ତ ୩୫ଟି ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି । ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୪୦୮ ରନ୍, ଲିଷ୍ଟ-ଏରେ ୮୩୩ ରନ୍ ଏବଂ ଟି୨୦ରେ ୧୫୯୦ ରନ୍ ସଂଗ୍ରହ କରିଛନ୍ତି । ଆଇପିଏଲର ୩୩ଟି ଇନିଂସରେ ବ୍ୟାଟିଂ କରି ସେ ୭୬୯ ରନ୍ ହାସଲ କରିଛନ୍ତି ।

## ୩ ବର୍ଷ ବାସନ୍ଦ ହେଲେ ଆଥଲେଟ୍




କୋଲୋରାଡୋ ସ୍ପ୍ରିଙ୍ଗ୍ସ, ୧୧।୮ : ବ୍ଲଡ ଡୋପିଙ୍ଗ୍ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଯୁକ୍ତରାଷ୍ଟ୍ର ଆମେରିକାର ୧,୫୦୦ମିଟର ଚାମ୍ପିୟନ ଜୋନା କୋଚ୍ଙ୍କଠାରୁ ଟାଇଟଲ ପ୍ରତ୍ୟାହାର କରି ନିଆଯିବା ସହ ତାଙ୍କୁ ୩ ବର୍ଷ ବାସନ୍ଦ କରାଯାଇଛି । ୟୁ.ଏସ୍. ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୟୁସାଡା) ପକ୍ଷରୁ ଏ ବିଷୟରେ ସୂଚନା ଦିଆଯାଇଛି । କେନିଆରେ ଜନ୍ମିତ ଏହି ୨୯ବର୍ଷୀୟଙ୍କ ଅସ୍ୱାଭାବିକ ଫଳାଫଳ ଯୋଗୁ ତାଙ୍କର ଡୋପ୍ ଟେଷ୍ଟ କରାଯାଇଥିଲା । ଜୋନା କୋଚ୍ ଏରିଥ ପୋପେଟିନ୍ ଭଳି ବ୍ଲଡ ବୁଷ୍ଟିଂ ଡ୍ରଗ୍ସ(ଇପିଓ) ବ୍ୟବହାର କରୁଥିଲେ । କୋଚ୍ ଆମେରିକା କଲେଜରେ ପପାଠ ପଢ଼ିବା ପାଇଁ ଆସିଥିଲେ । ପରବର୍ତ୍ତୀ ସମୟରେ ସେ ଦେଶର ନାଗରିକ ପାଲଟିଯାଇଥିଲେ । ୟୁଏସ୍ ଅର୍ମିର ୱାଲର୍ଡ କ୍ଲାସ ଆଥଲେଟ୍ ପ୍ରୋଗ୍ରାମ୍ ପାଇଁ ସେ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଉଥିଲେ । ଗତବର୍ଷ ଜାତୀୟ ପ୍ରତିଯୋଗିତାରେ ତାଙ୍କର ଜାତୀୟ ଶ୍ରେଷ୍ଠ ଟାଇମିଂ ୩ ମିନିଟ୍, ୩୦.୧୭ ସେକେଣ୍ଡ ରହିଥିଲା । ପରେ ସେ ବିଶ୍ୱ ପ୍ରତିଯୋଗିତାରେ ଭାଗ ନେଇ ୧୩ତମ ସ୍ଥାନ ଅଧିକାର କରିଥିଲେ । ୟୁସାଡା କହିଛିଜୋନା କୋଚ୍ଙ୍କଠାରୁ ଅସ୍ୱାଭାବିକ ସାମ୍ପଲ ଜାତୀୟ ପ୍ରତିଯୋଗିତା ସମୟରେ ସଂଗ୍ରହ କରାଯାଇଥିଲା । ତାଙ୍କ ବାସନ୍ଦ ଦଣ୍ଡ ମିଆନ ୨୦୨୯ ଜୁଲାଇରେ ଶେଷ ହେବ । ଫଳତଃ ସେ ୨୦୨୮ ଏସ୍ଆଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେଇପାରିବେ ନାହିଁ ।

## ରାଜ୍ୟ ଅନ୍ତଃସ୍କୁଲ ଟେବୁଲ ଟେନିସ୍ : ଶ୍ୱେତା, ଆୟୁଷ୍ମାନ, ଉର୍ଜା, ସୋମନାଥ ବିଜେତା




କଟକ, ୧୧।୮ : ଓଡିଶା ଟେବୁଲ ଟେନିସ୍ ସଂଘ ଓ ୟଙ୍ଗ ଜେନେରେସନ ଟେବୁଲ ଟେନିସ୍ ସଂଘ ପକ୍ଷରୁ କଟକ ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ଇନ୍ଡୋର୍ ହଲରେ ଚାଲିଥିବା ସପ୍ତମ ରାଜ୍ୟ ଅନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାରେ ସୋମବାର ବ୍ୟକ୍ତିଗତ ବର୍ଗ ଚୂଡ଼ାନ୍ତ ହୋଇଛି । ଏଥିସହିତ ୱାଇଜିଟିଟିଏ ରାଜ୍ୟ ରାକିଙ୍ଗ୍ ଟେବୁଲ ଟେନିସ୍ର ଶୁଭାରମ୍ଭ ହୋଇଛି । ବ୍ୟକ୍ତିଗତ ବିଭାଗର କନିଷ୍ଠ ବାଳିକା ଏକକ ବର୍ଗରେ ଗୁରୁନାନକ ପବ୍ଲିକ୍ ସ୍କୁଲ ଛାତ୍ରୀ ଶ୍ୱେତା ବର୍ମା ୩-୦ରେ ଭୁବନେଶ୍ୱର ବିଜେଇଏମ୍ ସ୍କୁଲ ଛାତ୍ରୀ ଆରାଧା ସାହୁଙ୍କୁ ପରାସ୍ତ କରି ବିଜେତା ହୋଇଛନ୍ତି ।

ସେହିପରି କନିଷ୍ଠ ବାଳକ ଏକକରେ ଡିପିଏସ୍ କଳିଙ୍ଗାର ଆୟୁଷ୍ମାନ ପତି ୩-୨ ଗେମ୍ରେ ଭୁବନେଶ୍ୱର ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛାତ୍ର ଆର୍ଯ୍ୟାଂଶ ପ୍ରସାଦ ସିଂହଙ୍କୁ ପରାସ୍ତ କରି ବିଜେତା ହୋଇଛନ୍ତି । ବରିଷ୍ଠ ବାଳିକା ଏକକରେ ରେଭେନ୍ସା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଉର୍ଜା ବର୍ମା ୩-୦ରେ ଶୈଳବାଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଫିଆ ମୋହସିନ୍ଙ୍କୁ ପରାସ୍ତ କରି ବିଜେତା ହୋଇଥିବା ବେଳେ ବରିଷ୍ଠ ବାଳକ ଏକକରେ ସହୀଦନଗର ହାଇସ୍କୁଲର ସୋମନାଥ ସେମ୍ୟରଞ୍ଜନ ସୁବୁଦ୍ଧି ୩-୦ରେ କଟକ ନିୟୁ ଷ୍ଟୁଆର୍ଟ ସ୍କୁଲର ଜିଆଦ୍ ଖାନଙ୍କୁ ପରାସ୍ତ କରି ବିଜେତା ହୋଇଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982